୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.247 Bhubaneswar Wednesday November 13 2024 | ୨୬ତମ ବର୍ଷ ସଂଖ୍ୟା–୨୪୭ ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ୨୦୨୫ କ୍ୟାଲେଣ୍ଡର ବର୍ଷରେ ରାଜ୍ୟ କର୍ମଚାରୀଙ୍କୁ ମିଳିବ ୨୬ ସରକାରୀ ଛୁଟି ଓ ୮ ଇଚ୍ଛାଧୀନ ଛୁଟି

ଭୁବନେଶ୍ୱର,୧୨।୧୧(ପି.ଏନ): ରାଜ୍ୟ ସରକାର ଆଜି ମଙ୍ଗଳବାର ୨୦୨୫ ମସିହା ପାଇଁ ଛୁଟି କ୍ୟାଲେଣ୍ଡର ଜାରି କରିଛନ୍ତି। ୨୦୨୫ ଇଂରାଜୀ ବର୍ଷରେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ୨୬ଟି ସରକାରୀ ଛୁଟିଦିନ ଓ ୮ଟି ଇଚ୍ଛାଧୀନ ଛୁଟି(ଯେକୌଣସି ଗୋଟିଏ ଦିନ) ମିଳିବ। ଅବଶ୍ୟ ଏହି ସମସ୍ତ ଛୁଟିରେ ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର ସାମିଲ ନାହିଁ।ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୨୫ ମସିହା ପାଇଁ ଜାରି ଛୁଟି କ୍ୟାଲେଣ୍ଡର ସମସ୍ତ ସରକାରୀ ଅଫିସ୍ ଓ ରେଭିନ୍ୟୁ ଓ ମାଜିଷ୍ଟ୍ରେଟ୍ କୋର୍ଟ ପାଇଁ ପ୍ରଯୁଜ୍ୟ। ଏହି ୨୬ଟି ସରକାରୀ ଛୁଟି ନୂଆବର୍ଷରେ ମକରସଂକ୍ରାନ୍ତିରୁ ଆରମ୍ଭ ହୋଇ ଏକ୍ସମାସ୍ ଡେ' ପର୍ଯ୍ୟନ୍ତ ରହିଛି । ଏହି ଛୁଟି ବ୍ୟତୀତ ସରକାରୀ କର୍ମଚାରୀମାନେ ଅତିରିକ୍ତ ଭାବେ ଗୋଟିଏ ଦିନ ଛୁଟି(୮ଟି ଇଚ୍ଛାଧୀନ ଛୁଟିଦିନ ମଧ୍ୟରୁ ଯେକୌଣସି ଗୋଟିଏ) ନେଇପାରିବେ।



## ଲୋକଙ୍କ ଉପରେ ମାଡି ଗଲା ଦ୍ରୁତଗାମୀ କାର, ଚାଲିଗଲା ୩୫ ଜୀବନ

ଭୁବନେଶ୍ୱର,୧୨।୧୧(ପି.ଏନ): କ୍ରୀଡା କେନ୍ଦ୍ର ବାହାରେ ଶତାଧିକ ଲୋକ ଛିଡା ହୋଇଥିଲେ। ଅନେକ ଲୋକ ରାସ୍ତାରେ ଚାଲି ଚାଲି ମଧ୍ୟ ଯାଉଥିଲେ। ଏହି ସମୟରେ ହଠାତ ଗୋଟିଏ ଦ୍ରୁତଗାମୀ କାର ଆସିବା ସହ ଲୋକଙ୍କ ଉପରେ ମାଡି ଯାଇଛି। ଏଥିଯୋଗୁ ୩୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୪୩ ଜଣ ଆହତ ହୋଇଛନ୍ତି।ଆହତଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ଚାଇନାର ଝୁହେ ସହରରେ ଏପରି ଘଟଣା ଘଟିଛି। ଏଠାରେ ଥିବା କ୍ରୀଡା କେନ୍ଦ୍ର ବାହାରେ କାର ଧକ୍କା ଯୋଗୁ ଲୋକମାନେ କେମିତି ରାସ୍ତାରେ ପଡି ରହିଛନ୍ତି, ତା'ର ଫଟୋ ମଧ୍ୟ ସାମ୍ନାକୁ ଆସିଛି।ଘଟଣା ପରେ ଦୁର୍ଘଟଣା ଘଟାଇଥିବା କାରକୁ ଚଳାଉଥିବା ଜଣେ ୬୨ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ୍ ତୁରନ୍ତ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଫାନ। ସେ ଜାଣିଶୁଣି ଗୋଟିଏ ଛୋଟ କାରକୁ ଦ୍ରୁତଗତିରେ ଚଳାଇବା ସହ କ୍ରୀଡା କେନ୍ଦ୍ର ବାହାରେ ଛଡା ହୋଇଥିବା ଲୋକଙ୍କ ଉପରେ ମଡାଇ ଦେଇଥିବା କୁହାଯାଉଛି।

## ଭରତପୁର ଥାନା ହାଜତରେ ନିର୍ଯାତନା ଘଟଣା: ୨୪ ଘଣ୍ଟିଆ ହେଲପଲାଇନ୍ ଜାରି କଲା ଭାରତୀୟ ସେନା

ଭୁବନେଶ୍ୱର,୧୨।୧୧(ପି.ଏନ): ରାଜଧାନୀ ଭୁବନେଶ୍ୱରର ଭରତପୁର ଥାନା ହାଜତରେ ପୁଲିସ ନିର୍ଯାତନା ଦେବା ଘଟଣାର ପ୍ରାୟ ଦୁଇମାସ ପରେ ଭାରତୀୟ ସେନା ପକ୍ଷରୁ ନିଜ ଯବାନ,ଅଫିସର ଓ ଅବସରପ୍ରାପ୍ତ ସେନାକର୍ମୀଙ୍କ ସହାୟତା ପାଇଁ ଏକ ୨୪ଘଂଟିଆ ହେଲପଲାଇନ୍ ନମ୍ବର ଜାରି କରାଯାଇଛି । ଏହି ହେଲପଲାଇନ ନମ୍ବର ହେଉଛି-୧୫୫୩୦୬ ଯାହାକୁ କେବଳ ଅତି ଜରୁରୀ ପରିସ୍ଥିତିରେ ଓ ନିର୍ଯାତନା ଘଟଣାରେ ଉପଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିବା ଜାତୀୟ ଗଣମାଧ୍ୟମର ରିପୋର୍ଟରୁ ଜଣାପଡିଛି ।ଜାତୀୟ ଗଣମାଧ୍ୟମ ସଂସ୍ଥା 'ଇଣ୍ଡିଆଟୁଡେ'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତୀୟ ସେନା ପକ୍ଷରୁ ୨୪ଘଣ୍ଟିଆ ଏକ ହେଲପଲାଇନ୍ ନମ୍ବର ଜାରି ହୋଇଛି। ଯାହାକୁ ସେନାର ଯବାନ,ଅଫିସର ଓ ଅବସରପ୍ରାପ୍ତ ସେନାକର୍ମୀ ଜରୁରୀକାଳୀନ ସ୍ଥିତିରେ ସହାୟତା ପାଇବା ପାଇଁ ଉପଯୋଗ କରିପାରିବେ। ତେବେ ଜମି ବିବାଦ କିମ୍ବା ଦାମ୍ପତ୍ୟ କଳହ ଭଳି ଘଟଣାରେ ଏହି ହେଲପଲାଇନ୍ ନମ୍ବରକୁ ସହାୟତା ନମାଗିବାକୁ କୁହାଯାଇଛି । ଏହି ହେଲପଲାଇନକୁ କଲ କଲେ ତାହା ସ୍ୱତଃ ରେକର୍ଡ ହୋଇଯିବ । ପ୍ରତ୍ୟେକ ମାମଲାର ପ୍ରଭାବଶାଳୀ ଢଙ୍ଗରେ ଫଲୋଅପ୍ କରାଯିବ । ଦେଶବ୍ୟାପୀ ସେନା ଓ ସିଭିଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରଖି ଏଭଳି ମାମଲା ଉପରେ ନଜର ରଖାଯିବ । ଏହି ହେଲପଲାଇନକୁ ସେନାର ପ୍ରଶିକ୍ଷିତ ମିଲିଟାରୀ ପୁଲିସ ଅଫିସରମାନେ ପରିଚାଳନା କରିବେ। ସେନାର କର୍ମୀମାନଙ୍କ ଉପରେ ନିର୍ଯାତନା ଘଟଣା ବ?ୁଥିବାକୁ ଦୃଷ୍ଟିରେ ରଖି ଏହି ସହାୟତା ଓ ସୁରକ୍ଷା ଯୋଗାଇ ଦେବାକୁ ପ୍ରୟାସ ହୋଇଥିବା କୁହାଯାଉଛି ।

## ବିଜେପି ଆସିଲେ ଏକ ଟଙ୍କାରେ ହେବ ଜମି ରେଜିଷ୍ଟ୍ରି: ଝାଡଖଣ୍ଡରେ ଶାହଙ୍କ ଘୋଷଣା

ରାଞ୍ଚି,୧୨।୧୧ (ପି.ଏନ): ଝାଡଖଣ୍ଡର ଝରିଆରେ ଏକ ରାଲିରେ ଗୃହମନ୍ତ୍ରୀ ଅମିତ ଶାହ ଏକ ବଡ଼ ଘୋଷଣା କରିଛନ୍ତି। ଶାହ କହିଛନ୍ତି ଯେ ଯଦି ରାଜ୍ୟରେ ବିଜେପି ସରକାର ଗଠନ ହୁଏ ତେବେ ମହିଳାଙ୍କୁ ଏକ ଟଙ୍କାରେ ଜମି ରେଜିଷ୍ଟ୍ରିର ସୁବିଧା ଦିଆଯିବ। ନିର୍ବାଚନ ପୂର୍ବରୁ ବିଜେପିର ଏହି ପଦକ୍ଷେପ ମହିଳା ଭୋଟରଙ୍କୁ ଆକର୍ଷିତ କରିବାର ପ୍ରୟାସ ଭାବରେ ଦେଖାଯାଉଛି। ଏଥର ମହିଳାମାନେ ଝାଡଖଣ୍ଡରେ ନିର୍ବାଚନ ପ୍ରଚାରର କେନ୍ଦ୍ରରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସରକାର 'ମଈୟାଁ ସମ୍ମାନ ଯୋଜନା' ମାଧ୍ୟମରେ ମହିଳାଙ୍କୁ ଆକର୍ଷିତ କରୁଥିବାବେଳେ ବିଜେପି 'ଗୋଗୋ ଦିଦି' ଯୋଜନା ଏବଂ ଏକ ଟଙ୍କାରେ ଜମି ରେଜିଷ୍ଟ୍ରିର ସୁବିଧା ପ୍ରଦାନ କରି ମହିଳା ଭୋଟରଙ୍କୁ ଆକର୍ଷିତ କରିବାକୁ ଚାହୁଁଛି। ଶାହ ତାଙ୍କ ଅଭିଭାଷଣରେ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି, ନିର୍ବାଚନ ପୂର୍ବରୁ କଂଗ୍ରେସ ନେତାମାନେ 'ଖଟାଖଟ, ଖଟାଖଟ' ବିଷୟରେ କଥାବାର୍ତ୍ତା କରନ୍ତି, କିନ୍ତୁ ନିର୍ବାଚନ ପରେ ସବୁକିଛି ଭୁଲିଯାଆନ୍ତି। ସେ କହିଛନ୍ତି ବିଜେପି ଯାହା ପ୍ରତିଶ୍ରୁତି ଦେଉଛି ତାହା ପ୍ରଦାନ କରୁଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି ପଥରର ଗାର।

## ଓଡିଆ ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଏତଲା

ଭୁବନେଶ୍ୱର,୧୨।୧୧(ପି.ଏନ):ଓଡିଆ ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଏତଲା। କଟକ ସାଇବର ଥାନାରେ ଏତଲା ଦେଲେ ଓଡ଼ିଶା ଫିଲ୍ମ ଓ ଟିଭି ନିର୍ଦ୍ଦେଶକ ସଂଘ। ଓଡିଆ ଫିଲ୍ମ ନିର୍ଦ୍ଦେଶକଙ୍କ ବିରୋଧରେ ବାରମ୍ବାର ସୋଶାଲ ମିଡିଆରେ ଅରୁଚିକର ମନ୍ତବ୍ୟ ଦେଉଥିବା ଅଭିଯୋଗ କରିଛି ସଂଘ।ଓଡିଶାରେ ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ନାହାନ୍ତି କି ନିର୍ଦ୍ଦେଶନା କ'ଣ ଜାଣିନାହାଁନ୍ତି ବୋଲି ସୋଶାଲ ମିଡିଆରେ ମନୋଜ ମିଶ୍ର ବାରମ୍ବାର ମନ୍ତବ୍ୟ ଦେଉଛନ୍ତି। ନିଜର ବ୍ୟକ୍ତିଗତ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ମନୋଜ ବଦନାମ କରୁଛନ୍ତି ବୋଲି କହିଛନ୍ତି ବରିଷ୍ଠ ଫିଲ୍ମ ନିର୍ଦ୍ଦେଶକମାନେ ଅଭିଯୋଗ କରିଛନ୍ତି। ଓଡିଆ ଫିଲ୍ମ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବସନ୍ତ ସାହୁ, ତାପସ ସରଘରିଆ, ବବି ଇସଲାମ୍ ?ଙ୍କ ଭଳି ଅନେକ ନିର୍ଦ୍ଦେଶକ ଆଜି ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ? ଘଟଣାର ତଦନ୍ତ କରୁଛି।

## ବିଜେଡି ନେତାଙ୍କ ସମେତ ୬ ଜଣଙ୍କ ନାଁରେ ଜାରି ହେଲା ଗିରଫ ପରୱାନା

ଭୁବନେଶ୍ୱର,୧୨।୧୧(ପି.ଏନ): ବିଜେଡି ନେତା ଏନ୍.ଭାସ୍କର ରାଓଙ୍କ ସମେତ ୬ ଜଣଙ୍କ ନାଁରେ ଜାରି ହେଲା ଗିରଫ ପରୱାନା(ଘଈଡ)। ବହୁ ଚର୍ଚ୍ଚିତ ଆଦିବାସୀ ନେତା ଭାଗିରଥୀ ମାଣ୍ଡାଙ୍କ ହତ୍ୟା ମାମଲାର ୧୪ ବର୍ଷ ୧୧ ମାସ ପରେ ରାୟଗଡ଼ା ଏସ୍ ?ଡିଜେଏମ୍ ? କର୍ଟ ଜାରି କରିଛନ୍ତି ଗିରଫ ପରୱାନା। ପୂର୍ବତନ ରାଜ୍ୟସଭା ସାଂସଦ ଓ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଏନ.ଭାସ୍କର ରାଓ, ୱାଇ. ଭେଙ୍କଟ ରାଓ (କଣ୍ଡାବାବୁ), ଏନ ଆଦିନାରାୟାନା, କେ.କ୍ରିଷ୍ଣା ରାଓ, ଇପିଲି ସନ୍ନ୍ୟାସୀ ରାଜୁ, ପେଦେନା ଦିଲୀପ କୁମାରଙ୍କ ନାଁରେ ଜାରି ହୋଇଛି

## ଏନକାଉଣ୍ଟର ପରେ ୩ ମହିଳା ଓ ୩ ପିଲା ନିଖୋଜ



ଭୁବନେଶ୍ୱର,୧୨।୧୧(ପି.ଏନ): ସନ୍ଦିଗ୍ଧ କୁକି ଉଗ୍ରବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟ ସୋମବାର ଘଟିଥିବା ଏନକାଉଣ୍ଟ ପରେ ମଣିପୁରର ଜିରିବାମ ଜିଲ୍ଲା ଏକ ପ୍ରକାରର ଅଶାନ୍ତ ହୋଇ ଉଠିଛି। ଏନକାଉଣ୍ଟରେ ୧୧ ଜଣ ସନ୍ଦିଗ୍ଧ କୁକି ଉଗ୍ରବାଦୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଥିବା ବେଳେ ଏବେ ସ୍ଥାନୀୟ ଅଞ୍ଚଳରୁ ୩ ଜଣ ମହିଳା ଓ ୩ ଜଣ ଛୋଟ ପିଲା ନିଖୋଜ ହୋଇଯିବା ଖବର ସ୍ଥିତିକୁ ଆହୁରି ସାଂଘତିକ କରିଛି।ମଣିପୁର ପୁଲିସ୍ ? ପକ୍ଷରୁ କୁହାଯାଇଛି ଯେ ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ସୁରକ୍ଷାକର୍ମୀମାନେ ଅପରେସନ ଆରମ୍ଭ କରିଛନ୍ତି। ୩ ଜଣ ମହିଳା ଓ ୩ ଜଣ ପିଲା ଗତକାଲିର ଏନକାଉଣ୍ଟର ପର ଠାରୁ ନିଖୋଜ ରହିଛନ୍ତି ।ଆସାମ ରାଇଫଲ, ବିଏସଏଫ ଓ ସିଆରପିଏଫ ସକ୍ରିୟ ଭାବେ ସର୍ଚ୍ଚ ଅପରେସନରେ ଲାଗି ପଡିଛନ୍ତି। ଅପରେସନ ବେଳେ ଯଦି ସୁରକ୍ଷାକର୍ମୀ କୌଣସି ଆକ୍ରମଣର ସମ୍ମୁଖୀନ ହୁଅନ୍ତି, ତା'ହେଲେ ଏହାର ଦଢ଼ ଜବାବ ଦେବାକୁ ସେମାନେ ପ୍ରସ୍ତୁତ ରହିଛନ୍ତି।

## ଗୁଇନ୍ଦା ବିଭାଗର ବଡ ସୂଚନା: ଜମ୍ମୁ-କଶ୍ମୀରରେ ସକ୍ରିୟ ଅଛନ୍ତି ୧୧୯ ଜଣ ଆତଙ୍କବାଦୀ

ଭୁବନେଶ୍ୱର,୧୨।୧୧(ପି.ଏନ): ଜମ୍ମୁ-କଶ୍ମୀରରେ ଏବେ ୧୧୯ ଜଣ ଆତଙ୍କବାଦୀ ସକ୍ରିୟ ରହିଛନ୍ତି। ଉଭୟ ଅପରେସନ ଓ ନିଯୁକ୍ତି ପ୍ରକ୍ରିୟାରେ ସାମିଲ ରହି ଉପତ୍ୟକାର ସୁରକ୍ଷା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି। ଏପରି କିଛି ସାଂଘାତିକ ତଥ୍ୟ ଗୁଇନ୍ଦା ବିଭାଗ ଦେଇଛି।ଏହି ରିପୋର୍ଟ ଅନୁସାରେ, ପୀର ପଞ୍ଜାଲ ରେଞ୍ଜରେ ଏବେ ମୋଟ ୭୯ ଜଣ ଆତଙ୍କବାଦୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୮ ଜଣ ସ୍ଥାନୀୟ ଓ ୬୧ ଜଣ ବିଦେଶୀ ଆତଙ୍କୀ ରହିଛନ୍ତି। ଦକ୍ଷିଣ ପୀର ପଞ୍ଜାଲରେ ସକ୍ରିୟ ଥିବା ୪୦ ଜଣଙ୍କ ମଧ୍ୟରୁ ୩୪ ଜଣ ବିଦେଶୀ ଓ ୬ ଜଣ ସ୍ଥାନୀୟ



ଆତଙ୍କବାଦୀ ଅଛନ୍ତି।ଏବେ ଏହି ତଥ୍ୟ ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ କରାଯାଇଛି। ଆତଙ୍କବାଦୀଙ୍କ ମୂଳପୋଛ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଥିବା ଜଣାପଡିଛି।

## ପ୍ରଧାନବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା

ନୂଆଦିଲ୍ଲୀ,୧୨।୧୧(ପି.ଏନ):ଜଷ୍ଟିସ୍ ସଞ୍ଜୀବ ଖାନ୍ନା ସୁପ୍ରିମ୍‌କୋର୍ଟର ୫୧ତମ ପ୍ରଧାନ ବିଚାରପତି ଭାବେ ସୋମବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଛନ୍ତି। ରବିବାର ଅବସର ଗ୍ରହଣ କରିଥିବା ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଜଷ୍ଟିସ୍ ଖାନ୍ନାଙ୍କ କାର୍ଯ୍ୟକାଳ ୨୦୨୫ ମେ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧୬ରେ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ସୁପାରିସକ୍ରମେ ସରକାର ଅକ୍ଟୋବର ୨୪ରେ ଆନୁଷ୍ଠାନିକ ଭାବେ ଜଷ୍ଟିସ ଖାନ୍ନାଙ୍କ ନିଯୁକ୍ତି ଘୋଷଣା କରିଥିଲେ। ନଭେମ୍ବର ୮ ତାରିଖରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ ସୁପ୍ରିମ୍‌କୋର୍ଟର ବିଚାରପତି, ଓକିଲ ଓ କର୍ମଚାରୀମାନେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ଉଚ୍ଛେଦ କରିବା ଏବଂ ଧାରା ୩୭୦ ଉଚ୍ଛେଦକୁ ସମର୍ଥନ କରିବା ଭଳି ସୁପ୍ରିମ୍‌କୋର୍ଟଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟର ଖଣ୍ଡପୀଠରେ ଜଷ୍ଟିସ ଖାନ୍ନା ସଦସ୍ୟ ରହିଥିଲେ।

୧୯୬୦ ମସିହା ମେ ୧୪ ତାରିଖରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦେବରାଜ ଖାନ୍ନାଙ୍କ ପୁଅ ଏବଂ ସୁପ୍ରିମ୍‌କୋର୍ଟର ପ୍ରସିଦ୍ଧ ବିଚାରପତି ଏଚ୍‌ଆର୍ ଖାନ୍ନାଙ୍କ ପୁତୁରା। ୨୦୧୯ ଜାନୁଆରି ୧୮ରେ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ଅନେକ ବର୍ଷ ଧରି ଆଇନ ଅଭ୍ୟାସ କରିଥିଲେ ଏବଂ ପରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ କକା ଜଷ୍ଟିସ୍ ଏଚ୍‌ଆର୍ ଖାନ୍ନା ୧୯୭୬ ମସିହାରେ ଏଡିଏମ୍ ଜବଲପୁର ମାମଲାରେ ଅସନ୍ତୋଷ ପ୍ରକାଶ କରିବା ସହ ଜରୁରିକାଳୀନ ପରିସ୍ଥିତି ସମୟରେ ମୌଳିକ ଅଧିକାରକୁ ସ୍ଥଗିତ ରଖିବାକୁ ଅସାମ୍ବିଧାନିକ ଘୋଷଣା କରି ଚର୍ଚ୍ଚାକୁ ଆସିଥିଲେ। ସେଥିପାଇଁ ତତ୍ ?କାଳୀନ ଇନ୍ଦିରା ଗାନ୍ଧୀ ସରକାର ତାଙ୍କୁ ପ୍ରଧାନ ବିଚାରପତି କରାଇ ଦେଇ ନ ଥିଲେ। ଜଷ୍ଟିସ୍ ଏଚ୍‌ଆର୍ ଖାନ୍ନା ମଧ୍ୟ ୧୯୭୩ କେଶବାନନ୍ଦ ଭାରତୀ ମାମଲାରେ ମୌଳିକ ଢାଞ୍ଚା ନୀତି ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।୨୦୨୪ ଏପ୍ରିଲରେ ଜଷ୍ଟିସ ଖାନ୍ନାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଇଭିଏମ୍ ଟାମ୍ପରିଂକୁ ନେଇ ଉଦ୍‌ବେଗକୁ ଖାରଜ କରିବା ସହ କାଗଜ ବାଲଟକୁ ଫେରିବା ଉପରେ ରୋକ ଲଗାଇଥିଲେ। ଜଷ୍ଟିସ ଖାନ୍ନା ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠର ସଦସ୍ୟ ଥିଲେ, ଯେଉଁଥିରେ ରାଜନୈତିକ ପାର୍ଟି ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ଅସାମ୍ବିଧାନିକ ଘୋଷଣା କରାଯାଇଥିଲା ଏବଂ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଥିବା ଧାରା ୩୭୦ ଉଚ୍ଛେଦ ପାଇଁ ସରକାରଙ୍କ ୨୦୧୯ ନିଷ୍ପତ୍ତିକୁ ବଜାୟ ରଖାଯାଇଥିଲା। ସେ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିବା ଖଣ୍ଡପୀଠର ଅଧକ୍ଷତା କରି ଅବକାରୀ ନୀତି ତଦନ୍ତ ମଧ୍ୟରେ ତାଙ୍କୁ ଲୋକସଭା ନିର୍ବାଚନ ପାଇଁ ପ୍ରଚାର କରିବାକୁ ଅନୁମତି ଦେଇଥିଲେ ।ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଲ ସେଣ୍ଟରରେ ଆଇନ ଅଧ୍ୟୟନ କରିଥିଲେ। ସେ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭଳି ଭୂମିକାରେ କାର୍ଯ୍ୟ କରିଛନ୍ତି ଏବଂ ୧୯୮୩ ମସିହାରୁ ଦିଲ୍ଲୀ ବାର୍ କାଉନସିଲରେ ଆଇନ ଅଭ୍ୟାସ କରିଛନ୍ତି। ଆୟକର ବିଭାଗର ବରିଷ୍ଠ ଷ୍ଟାଣ୍ଡିଂ କାଉନସେଲ ଓ ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀର ଷ୍ଟାଣ୍ଡିଂ କାଉନସେଲ ଭାବରେ କାର୍ଯ୍ୟ କରିବା ତାଙ୍କ କର୍ମମୟ ଜୀବନର ଅନ୍ତର୍ଭୁକ୍ତ। ସେ ଦିଲ୍ଲୀ ହାଇକୋର୍ଟରେ ଆପରାଧିକ ମାମଲାରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଓ ଆମିକସ୍ କ୍ୟୁରି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ନବରଙ୍ଗପୁରରେ ୬୮୧ ଶିଶୁ ଅତିଶୟ କୁପୋଷଣର ଶିକାର: ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ୫ହଜାରରୁ ଅଧିକ

ନବରଙ୍ଗପୁର,୧୨।୧୧(ପି.ଏନ): ଅପପୁଷ୍ଟି ଦୂରୀକରଣ ନିମନ୍ତେ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ସୁଦ୍ଧା ନବରଙ୍ଗପୁର ଜିଲ୍ଲାରେ ବିଶେଷ ଫରକ ଦେଖିବାକୁ ମିଳିନି। ଜିଲ୍ଲାରେ ୬୮୧ଜଣ ଶିଶୁ ଅତିଶୟ କୁପୋଷଣର ଶିକାର। ସେଥିମଧ୍ୟରୁ ୬ ମାସରୁ ୩ବର୍ଷ ମଧ୍ୟରେ ୪୪୪ଜଣ ଶିଶୁ ରହିଛନ୍ତି। ସେହିପରି ୩ ବର୍ଷରୁ ୫ ବର୍ଷ ମଧ୍ୟରେ ୨୩୭ଜଣ ଶିଶୁ ରହିଛନ୍ତି। ?ଏହାବ୍ୟତୀତ ୫ହଜାରରୁ ଅଧିକ ପୁଷ୍ଟିହୀନ ଶିଶୁଙ୍କୁ ଚିହ୍ନଟ କରାଯାଇଛି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ର ମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ ସମୟରେ କୁପୋଷଣର ଶିକାର ଶିଶୁଙ୍କ ସଂଖ୍ୟା ନେଇ ସାଂଘାତିକ ଖୁଲାସା ହୋଇଥିଲା। ଆଇସିଡିଏସ୍ ? ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଜିଲ୍ଲାର ମୋଟ ୨୩୩୦ ଅଙ୍ଗନୱାଡି କେନ୍ଦ୍ରରେ ୧୩,୫୦୬ ଜଣ ଗର୍ଭବତୀ, ୭୧୨୫ ଜଣ ପ୍ରସୂତି, ୬ ମାସରୁ ୩ ବର୍ଷ ମଧ୍ୟରେ ୬୦,୬୧୬ ଜଣ ଶିଶୁ, ୩ ବର୍ଷରୁ ୫ ବର୍ଷ ମଧ୍ୟରେ ୫୧,୯୬୮ ଜଣ ଶିଶୁ ଓ ୫ବର୍ଷରୁ ୬ ବର୍ଷ ମଧ୍ୟରେ ୨୪,୦୮୭ ଜଣ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେଥିରୁ ୬ ମାସରୁ ୩ ବର୍ଷ ମଧ୍ୟରେ କମ୍ ? ଓଜନ ତଥା ପୁଷ୍ଟିହୀନତାରେ ଶିକାର ୨୮୦୩ ଜଣ ଶିଶୁ ରହିଛନ୍ତି। ୩ ବର୍ଷରୁ ୬ ବର୍ଷ ମଧ୍ୟରେ କମ୍ ? ଓଜନ ତଥା ଅପପୁଷ୍ଟିରେ ଶିକାର ହୋଇଥିବା ୨୭୦୯ ଜଣ ଶିଶୁ ରହିଛନ୍ତି। ୬ ମାସରୁ ୬ ବର୍ଷ ମଧ୍ୟରେ କମ୍ ? ଓଜନ ତଥା ଅପପୁଷ୍ଟିରେ ଶିକାର ହୋଇଥିବା ୫୫୧୨ ଜଣ ଶିଶୁ ଅଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କୁ ଅଣ୍ଡା ଠାରୁ ଆରମ୍ଭ କରି ପାଚିଲା ଫଳ ଭଳି ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ଅପପୁଷ୍ଟିରୁ ମୁକୁଳାଇବାକୁ ପନିପରିବା ଭଳି ବିଭିନ୍ନ ଖାଦ୍ୟ ଦେବା ପାଇଁ ଘରେ ଘରେ ସଚେତନ କରାଯାଉଛି। ଯାହାର ବିଶେଷ ପ୍ରଭାବ ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ପଡିନାହିଁ। ଗତ ୩ ମାସର ରିପୋର୍ଟକୁ ଦେଖିଲେ ଅଗଷ୍ଟରେ ୮୬୭ଜଣ କୁପୋଷଣରେ ଶିକାର ଶିଶୁ ରହିଥିଲେ। ସେପ୍ଟେମ୍ବର ମାସରେ ୭୬୦ ଜଣ ରହିଥିଲା ବେଳେ ଅକ୍ଟୋବରରେ ୬୮୧କୁ ଖସିଛି। ଅତିଶୟ କୁପୋଷଣର ଶିକାର ଶିଶୁଙ୍କୁ ପୁଣି ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦେବାର ବ୍ୟବସ୍ଥା ରହିଛି। ତଥାପି ସଚେତନତାର ଅଭାବ ଯୋଗୁ ଶିଶୁ ପୁଷ୍ଟିହୀନତା ଏବଂ ଅତିଶୟ କୁପୋଷଣର ଶିକାର ହେଉଛନ୍ତି। କେବଳ ଶିଶୁ ନୁହନ୍ତି ଗର୍ଭବତୀ ବି ରକ୍ତହୀନତା ଓ ଅପପୁଷ୍ଟିର ଶିକାର ହେଉଛନ୍ତି। ଡାକ୍ତରଖାନାକୁ ପ୍ରସବ ନିମନ୍ତେ ଆସିବା ବେଳକୁ ହିମୋଗ୍ଲୋବିନ ୫ରୁ ୭ ମଧ୍ୟରେ ରହୁଛି। ଯାହାଫଳରେ ପ୍ରସବ ସମୟରେ ଅସୁବିଧା ହେଉଛି। ସମୀକ୍ଷା ବୈ?ଠକରେ କେନ୍ଦ୍ର ମନ୍ତ୍ରୀ ଏହି ତଥ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଅପପୁଷ୍ଟିର ଶିକାର ଶିଶୁଙ୍କ ଘରକୁ ଯାଇ ସଚେତନ କରିବାକୁ ଗୁରୁତ୍ୱାରୋପ କରିଥିଲେ।

## କିମ୍‌ସରେ ଉପଲବ୍ଧ ହେଲା ୩ଡି ଡିଜିଟାଲ୍ ମାମୋଗ୍ରାଫି ଯନ୍ତ୍ର

ଭୁବନେଶ୍ୱର,୧୨।୧୧(ପି.ଏନ): ଅତ୍ୟାଧୁନିକ ଷ୍ଟେରିଓଟାକ୍‌ଟିକ୍ ବାୟୋପ୍‌ସି ବ୍ୟବସ୍ଥା ସହ କିମ୍‌ସରେ ପ୍ରଥମ ଥର ଲାଗି ଉପଲବ୍ଧ ହୋଇଛି ୩-ଡି ଡିଜିଟାଲ୍ ମାମୋଗ୍ରାଫି ଯନ୍ତ୍ର। ଏହା ଦ୍ୱାରା ଓଡ଼ିଶା ବାହାରକୁ ଚିକିତ୍ସା ପାଇଁ ଯାଉଥିବା ରାଜ୍ୟର ବହୁ ରୋଗୀ ଉପକୃତ ହୋଇପାରିବେ। କିଟ୍, କିସ୍ ଓ କିମ୍‌ସ ପ୍ରତଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଯନ୍ତ୍ରକୁ ଉଦ୍‌ଘାଟନ ସୋମବାର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଏହି ଯନ୍ତ୍ରରେ ସ୍ତନ କର୍କଟ ଭଳି ଜଟିଳ ରୋଗର ନିଦାନ ସହ ପ୍ରାକ୍ ଓ ସଠିକ୍ ଚିହ୍ନଟ ହୋଇପାରିବ ଓ ଏହି ଯନ୍ତ୍ରରେ ଅପେକ୍ଷାକୃତ କମ୍ ରେଡିଏସନ୍‌ରେ ହାଇ ରିଜୋଲ୍ୟୁସନ୍‌ତ ଇମେଜିଂ କ୍ଷମତା



ରହିଛି। ଏହା ସହ ଏଥିରେ ଦ୍ୱି-ମୁଖୀ ଟମୋସିନ୍ଥେସିସ୍ ବ୍ୟବସ୍ଥା ରହିଛି। ଏହି ଯନ୍ତ୍ର ଥ୍ରି-ଡାଇମେନ୍‌ସନାଲ ଭିଉ ଦେଉଥିବାରୁ ଏହା ଦ୍ୱାରା ସ୍ତନ କର୍କଟର ଠିକ୍ ନିଦାନ ସମ୍ଭବ ହୋଇପାରୁଛି। ଏଥିରେ ରହିଥିବା ଅଟୋମେଟିକ୍ ଏକ୍ସପୋଜର କଣ୍ଟ୍ରୋଲର୍ (ଏଇସି) ଟେକ୍ନୋଲୋଜି ରଞ୍ଜନ-ରଶ୍ମିର ମାତ୍ରାକୁ ନିୟନ୍ତ୍ରିତ କରିଥାଏ। ଶ୍ରୀ ସାମନ୍ତ ଏଥିରେ ସନ୍ତୋଷ ବ୍ୟକ୍ତ କରି କହିଛନ୍ତି ୩-ଡି ଡିଜିଟାଲ୍ ମାମୋଗ୍ରାଫି ଯନ୍ତ୍ର ଦ୍ୱାରା ଓଡ଼ିଶାର ରୋଗୀମାନେ ଉପକୃତ ହୋଇପାରିବେ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୂକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ନଭେମ୍ବର ୧୩**

# ସମ୍ପାଦକ ଓ ପତ୍ରିକା



ସୁଚରିତା ମହାନ୍ତି

ଏବେ ଏବେ ପାର୍ବଣ ର ଋତୁ କିଛି ପାଦ ପଛକୁ ଘୁଞ୍ଚି ଯାଇଚି ।ସମସ୍ତେ ଏବେ ଅଳ୍ପ ବହୁତେ ପ୍ରଥମ କାକର ସ୍ପର୍ଶ ରେ ହଜିଯିବାକୁ ବସିଲେଣି ଆପଣା ଢ଼ଙ୍ଗରେ ।ନଦୀପଠା ର ଆକର୍ଷଣ ଆଉ ନାହିଁ,କାଶତଣ୍ଡୀକୁ ନେଇ ତା'ର ଛାତି ଫୁଲି ଉଠୁଥିଲା, କବି ର କଲମ ତୀବ୍ର ହେଉଥିଲା, ଗାଁ ରୁ ସହର ସବୁଆଡ଼ ? ଶୁଭ୍ର ପରିବେଶ । ଯିଏ ଯେମିତି ଇଛା ଅନୁସାରେ ବିତଉଥିଲେ ଶାରଦୀୟ ପର୍ବ । ଏଠି କାହାକୁ ବା ମନା ନିଜ ଢ଼ଙ୍ଗରେ ବଞ୍ଚିବାକୁ । କାହିଁକି କେଜାଣି ଏଇ ଋତୁ ଏତେ ଆନମନା କରିଦିଏ ସଭିଙ୍କୁ ।

କବି, ଗାଳ୍ପିକ, ପ୍ରାବନ୍ଧିକ ମାନଙ୍କର ଚ଼ପଳତା କାହିଁ କେତେ ବଢ଼ି ଯାଏ ।ସମ୍ପାଦକ ସମ୍ପାଦିକା ସମସ୍ତେ ଆନମନା ହୋଇ ଉଠନ୍ତି । କେତେ ସୁନ୍ଦର ସୁନ୍ଦର ସାହିତ୍ୟ ପତ୍ରିକା ସାରସ୍ୱତ ସାଧକ ମାନଙ୍କୁ ଭେଟି ଦେବା ପାଇଁ ସମ୍ପାଦକ ସମ୍ପାଦିକା ମାନଙ୍କର ଉତ୍କଣ୍ଠା କାହିଁ ରେ କେତେ ଯେ, ତାକୁ ବର୍ଣ୍ଣନା କରିହେବ ନାହିଁ । ବହି ଦୋକାନରେ ଚ଼ିତ୍ର ବିଚ଼ିତ୍ର ମନମୁଗ୍ଧକର ପତ୍ରିକା ମାନଙ୍କ ର ଭିଡ଼ ଜମେ ।ସୃଷ୍ଟି ହୁଏ ଖୁସି ର ମାହୁଲ୍ । ବର୍ଷ ତମାମ ଯେତେ ପତ୍ରିକା ପ୍ରକାଶିତ ହେଉ ପଛକେ ପାର୍ବଣର ପତ୍ରିକା ସମସ୍ତଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଦୀର୍ଘ ବର୍ଷ ଧରି ପ୍ରଚ଼ଳିତ ନୂଆ ପୁରୁଣା ଅନେକ ପତ୍ରିକା ପାଠକ ମାନଙ୍କୁ ଖୁବ୍ ସୁନ୍ଦର ସୁନ୍ଦର କବିତା, ଗଳ୍ପ ଓ ପ୍ରବନ୍ଧ ର ସ୍ୱାଦ ଦେଇ ଆସୁଛି । ପ୍ରାୟ ପତ୍ରିକା ରେ ବରିଷ୍ଠ ଲେଖକ ଲେଖିକା ଏବଂ ଯୁବ ଲେଖକ ଲେଖିକା ମାନଙ୍କର ଲେଖା ପ୍ରକାଶ ପାଇଥାଏ । ସେଥିପାଇଁ ମଧ୍ୟ ଯୁବ ସାହିତ୍ୟିକ ମାନେ ଆନନ୍ଦିତ ହୁଅନ୍ତି ।

ପାଠକ ମାନେ ଆନନ୍ଦ ସହକାରେ ଅପେକ୍ଷା କରି ରହିଥାନ୍ତି କିଛି ନୂଆ କବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ ପଢ଼ିବା ଆଶାରେ ।

ଲେଖକ ଲେଖିକା ମାନେ ଚ଼ାତକ ପରି ଚ଼ାହିଁ ବସିଥାନ୍ତି ପୂଜା ସଂଖ୍ୟା ରେ ତାଙ୍କ ଲେଖାଟିଏ ଦେବାପାଇଁ । କାହାର କେଉଁଠି କେତେ ଲେଖା ପ୍ରକାଶ ପାଉଛି ତାକୁ ନେଇ ଚ଼ାଲେ ତର୍କ ବିତର୍କ । ଯଦି କାହା ଲେଖା ଟି ପତ୍ରିକା ରେ ସ୍ଥାନ ପାଇନାହିଁ ବା କୌଣସି କାରଣରୁ ତାହାକୁ ସ୍ଥାନିତ କରାଯାଇନାହିଁ,ସେ କଥା ଲେଖକ ଲେଖିକା ବୁଝିବା ପାଇଁ ନାରାଜ । ଯେଉଁ ମାନେ ପତ୍ରିକା ସମ୍ପାଦନା କରନ୍ତି ସେ ସମ୍ପାଦକ ହୁଅନ୍ତୁ କିମ୍ବା ସମ୍ପାଦିକା ତାଙ୍କୁ ବହୁତ କଥା ଶୁଣିବା କୁ ପଡ଼ ? ।କାରଣ ପତ୍ରିକା ର ସମସ୍ତ ଦାୟିତ୍ୱ ସେଇମାନେ ହିଁ ବହନ କରିଥାନ୍ତି ।ବହୁତ ସମସ୍ୟା ଦେଇ ଗତି କରିବାକୁ ପଡ଼ ? । ଲେଖକ ଲେଖିକା ଲେଖା ପଠାଇବା ପରେ ଆଉ ସମ୍ପାଦକ ମାନଙ୍କୁ ପଚ଼ାରନ୍ତି ନାହିଁ ଯେ,କେମିତି ପତ୍ରିକା କାମ ଚ଼ାଲିଚ଼ି ବା କିଛି ସାହାଯ୍ୟ ସହଯୋଗ ଲୋଡ଼ା ଅଛି କି ନାହିଁ ।ତା' ପରିବର୍ତ୍ତ ? ସେମାନେ ଅନବରତ ପଚ଼ାରୁଥାନ୍ତି ଆମ ଲେଖା ଟି ପତ୍ରିକା ରେ ବସିଚ଼ି କି ନାହିଁ, ପତ୍ରିକା କେବେ ବାହାରିବ ଇତ୍ୟାଦି ଇତ୍ୟାଦି ।ଆଉ କିଛି ଅଛନ୍ତି ଗୋଟିଏ ପତ୍ରିକା କୁ ଯେଉଁ ଲେଖା ଟି ଦେଇଥିବେ ସେଇ ଲେଖା ଟି କୁ ଅନ୍ୟ ପତ୍ରିକା କିମ୍ବା କୌଣସି ସମ୍ବାଦପତ୍ର କୁ ଦେଇ ଦିଅନ୍ତି । ଧୈର୍ଯ୍ୟ ର ସହିତ ଅପେକ୍ଷା ମଧ୍ୟ କରନ୍ତି ନାହିଁ ।ଆଉ କିଛି ସାହିତ୍ୟିକ ଅଛନ୍ତି ପୁରୁଣା ଲେଖା ଗୁଡ଼ିକୁ ବାରମ୍ବାର ନାଁ ବଦଳାଇ ପତ୍ରିକା ମାନଙ୍କୁ ପଠେଇ ଥାନ୍ତି । ଗୋଟିଏ ପତ୍ରିକା ଛପେଇବା ପାଇଁ ତା'ର ଖର୍ଚ୍ଚ କେତେ ଯିଏ ପତ୍ରିକା କାମ କରନ୍ତି କେବଳ ତାଙ୍କୁ ହିଁ ଜଣା । ଅଧିକାଂଶ ପତ୍ରିକା ପାଇଁ ବିଜ୍ଞାପନ ନପାଇ ବହୁ କଷ୍ଟ ସାଧନ କରି ପତ୍ରିକା ଛପେଇଥାନ୍ତି । ମାଳମାଳ ପାର୍ବଣ ସଂଖ୍ୟା ବଜାର କୁ ଆସିଥାଏ ।ତାହା ପୁଣି ବିଶେଷ ଭାବରେ ବିକ୍ରି ହୁଏ ନାହିଁ । ଯେଉଁ ମାନେ ପତ୍ରିକା କୁ ଲେଖା ଦିଅନ୍ତି ସେମାନଙ୍କ ମଧ୍ୟରୁ କ୍ୱଚ଼ିତ ଅଛନ୍ତି ଯେଉଁମାନେ ପତ୍ରିକା କିଣନ୍ତି ଏବଂ ପଢ଼ନ୍ତି ତନ୍ମଧ୍ୟରୁ ଅନେକ କିଣନ୍ତି ନାହିଁ ବରଂଚ଼ ମାଗଣାରେ ପାଇବାକୁ ଭାରି ଉତ୍ସୁକତାର ସହିତ ଅନେଇ ଥାନ୍ତି ।ସମ୍ପାଦକ ସମ୍ପାଦିକା ଯେତେବେଳେ ଗର୍ଭ ଯନ୍ତ୍ରଣା ଠାରୁ ଅଧିକ ଯନ୍ତ୍ରଣା ପାଉଥାନ୍ତି, ସେତେବେଳେ ଲେଖକ ଲେଖିକା ସନ୍ତାନର ମୁହଁ ଦେଖିବାକୁ ତତ୍ପର ହୋଇ ଉଠନ୍ତି ।ଲେଖା ଗୁଡ଼ିକ ଡିଟିପି କରିବା ପୁଣି ସଂଶୋଧନ କରିବା ତାକୁ ସାଇଜ୍ କରି ସଜେଇବା ଏମିତି ଅନେକ କାମ ଥିବା ବେଳେ କାଁ ଭାଁ ଭୁଲ୍ ରହିଯାଏ ।ଛୋଟ ମୋଟ ଭୁଲ୍ ରହିବା କିଛି ନୂଆ କଥା ନୁହେଁ ।ଏହା ଅଧିକାଂଶ ପତ୍ରିକା ରେ ହୋଇଥାଏ ।ଏସବୁକୁ ନେଇ ଯେଉଁମାନେ କୁତ୍ସିତ ମତାମତ ଦିଅନ୍ତି ସେମାନେ ଭାବିବା ଆବଶ୍ୟକ କେଉଁ ପରିସ୍ଥିତିରେ ପତ୍ରିକା ଟି ଜନ୍ମ ନେଇଛି , କିନ୍ତୁ ଏଠି ତାହା ହୁଏ ନାହିଁ । ଦୋଷ ଲଦିବା ଏବଂ କଟାକ୍ଷ କରି ସମାଲୋଚ଼ନା କରିବା ଲୋକଙ୍କୁ ବେଶ୍ ଜଣା ।ଯଦି ପରାମର୍ଶ କ୍ରମେ କେଉଁଠି ଭୁଲ୍ ରହୁଛି ଏବଂ ପରବର୍ତ୍ତୀ ସମୟରେ ସେ ସବୁ ପ୍ରତି ଦୃଷ୍ଟିଦବାକୁ ପ୍ରେରଣା ଦାୟକ ଚ଼ିଠି ଲେଖି ସମ୍ପାଦକ ସମ୍ପାଦିକା ମାନଙ୍କୁ ପଠାଇ ପାରନ୍ତେ ତାହା ଅତ୍ୟନ୍ତ ସୁନ୍ଦର ମତାମତ ହୋଇ ପାରନ୍ତା ।ତାହା ନକରି ମୁଖପୁସ୍ତିକା ରେ ବିଭିନ୍ନ କଦାର୍ଥ କରି ମନ୍ତବ୍ୟ ଦେବାରେ କୌଣସି ମୂଲ୍ୟ ନଥାଏ । ଓଡ଼ିଆ ଭାଷା କୁ ବଞ୍ଚ ?ଇ ରଖିବା ରେ ସମ୍ପାଦକ, ସମ୍ପାଦିକାଙ୍କ ଭୂମିକା ଯଥେଷ୍ଟ ରହିଛି ତେଣୁ ଆଗାମୀ ଭବିଷ୍ୟତରେ ସେମାନଙ୍କର ପ୍ରକାଶନ କୁ ସମସ୍ତେ ସାହାଯ୍ୟ ସହଯୋଗ କିପରି ଯୋଗାଇ ଦେବେ ତାହା ଚ଼ିନ୍ତା କରିବା ଆବଶ୍ୟକ । ତତ୍ ସହିତ ପାଠକ ମାନେ ପତ୍ରିକା ର ମାନ ନିର୍ଦ୍ଧାରଣ କରି ଚ଼ିଠି ଦ୍ୱାରା ଜଣାନ୍ତୁ ଯାହା ଦ୍ୱାରା ପତ୍ରିକା ଆହୁରି ଉନ୍ନତ ମାନର ହୋଇପାରିବ । ସମ୍ପାଦକ ସମ୍ପାଦିକା ସାରସ୍ୱତ ସାଧକ ମାନଙ୍କର ସମ୍ମାନ ରକ୍ଷା ପାଇଁ ଯେମିତି ତତ୍ପରତା ଦେଖାଉ ଅଛନ୍ତି ଠିକ୍ ସେହିପରି ସେମାନଙ୍କ ପ୍ରତି ଅନ୍ୟମାନେ ଯତ୍ନବାନ ହେବା ଆବଶ୍ୟକ । ଦେଲେ ଯାଇ ନିଜ ନିଜ ଭିତରେ ସମନ୍ୱୟ ରହିପାରିବ ଏବଂ ଆମ ଭାଷାର ଉନ୍ନତି ହେବ । ପଛରୁ ଗୋଡ଼ ଟଣା ନିତି ବିଶ୍ୱାସ ଘାତକ ର କାର୍ଯ୍ୟ ଅଟେ । ପାର୍ବଣ ରେ ଛତୁ ଫୁଟିବା ପରି ପତ୍ରିକା ର ମାନ ନିର୍ଦ୍ଧାରଣ କେବଳ ପାଠକ ମାନଙ୍କ ପାଖରେ ଥାଏ । ପତ୍ରିକା କିଣିଲେ ସମ୍ପାଦକ ସମ୍ପାଦିକା ମାନେ ଖୁସି ଅନୁଭବ କରିଥାଆନ୍ତି । ବିଜ୍ଞାପନ ରୁ କୌଣସି ସମ୍ପାଦକ ବା ସମ୍ପାଦିକା କୋଟି ପତି ହୋଇଯାନ୍ତି ନାହିଁ । କିଛି ହାତ ଲେଖା ଏମିତି ଥାଏ ଯେ ତାକୁ ପଢ଼ି ପ୍ରକାଶ କରିବା ସମ୍ଭବପର ହୋଇପାରେ ନାହିଁ ।ଆଉ କେତେ ଜଣ ଦୀର୍ଘ ଲେଖା ଦେଇଥାନ୍ତି ଯାହା କି ପତ୍ରିକା ରେ ପ୍ରକାଶିତ କରିବା ସମ୍ଭବ ହୋଇପାରେ ନାହିଁ । ଏମିତି ବିଭିନ୍ନ ପ୍ରକାରର ସମସ୍ୟା ସତ୍ତ୍ୱ ? ପତ୍ରିକା ଯେତେବେଳେ ନବକଳେବର ନେଇ ସମସ୍ତଙ୍କ ପାଖକୁ ଆସେ ସେତେବେଳେ ସାମାନ୍ୟ ସାମାନ୍ୟ ଭୁଲ୍ ପାଇଁ ଅନେକ କିଛି କଟୁ ମନ୍ତବ୍ୟ ଶୁଣିବାକୁ ପଡ଼ ? ଭାଷାକୁ ସୁରକ୍ଷା ଦେଉଥିବା ଭାଷା ର ସାରଥି ସାଜିଥିବା ସମ୍ପାଦକ ଓ ସମ୍ପାଦିକା ମାନଙ୍କୁ । ରାଜନୀତି କରୁଥିବା ନେତା ମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ଜନସାଧାରଣ ଏଥି ପ୍ରତି ଦୃଷ୍ଟି ଦେଲେ ଆମ ଓଡ଼ିଶାରେ ପତ୍ରିକା ବଞ୍ଚି ରହିବ । ଯେଉଁମାନେ ବିକୃତ ମାନସିକତା ନେଇ କୁତ୍ସା ରଚନା କରୁଛନ୍ତି ସେମାନେ କବେ ପ୍ରକାଶନ ର ଦାୟିତ୍ୱ ନେଇ ତୁଲାଇଚ଼ନ୍ତି କି ?

ଯଦି ଥରେ ସୁସ୍ଥ ମାନସିକତା ନେଇ ଚ଼ିନ୍ତା କରିବେ ତା'ହେଲେ ଆମ ଭାଷା ଓ ପତ୍ର ପତ୍ରିକା ଚ଼ିରକାଳ ବଞ୍ଚି ରହିପାରିବ ଏଥିରେ ସନ୍ଦେହ ର ତିଳେ ମାତ୍ର ଅବକାଶ ନାହିଁ ।

ମାହାଙ୍ଗା, କଟକ
ମୋ: ୮୯୧୭୫୭୧୨୦୨

# ଲିଭର୍ ଲ୍ୟାବରେ ମଧୁମେହ ନିଆଁ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜି ୱାର୍ଲଡ଼ ଡାଇବେଟିସ୍ ଡେ' ବା ବିଶ୍ୱ ମଧୁମେହ ଦିବସ । ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ସମଗ୍ର ବିଶ୍ୱରେ ମଧୁମେହ ଦିବସ ଭାବେ ପାଳନ କରାଯାଏ । ଇଣ୍ଟରନ୍ୟାସନାଲ ଡାଇବେଟିସ୍ ଫେଡେରେସନ ଏବଂ ୱାର୍ଲଡ଼ ହେଲ୍‌ଥ ଅର୍ଗାନାଇଜେସନ୍ ଦ୍ୱାରା ଏହି ଦିବସ ୧୯୯୧ରୁ ପାଳନ କରାଯାଉଛି । ଏହି ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ମଧୁମେହ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହି ଘାତକ ରୋଗକୁ କିପରି ପ୍ରତିରୋଧ କରିହେବ ସେ ସମ୍ପର୍କରେ ଆଜିର ଦିନରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଏ । ଚଳିତବର୍ଷ ବିଶ୍ୱ ମଧୁମେହ ଦିବସର ବାର୍ତ୍ତା ହେଉଛି ମଧୁମେହ ବିଷୟରେ ଜାଣିବା ଏବଂ ପ୍ରତିରୋଧ କରିବା । ମଧୁମେହ ରୋଗ ସହିତ ଲିଭର ଓତଃପ୍ରୋତ ଭାବେ ଜଡ଼ିତ । ଲିଭର ଏକ ବିରାଟ ଲେବୋରେଟରି ବା ରସାୟନାଗାର । ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟର ମଧ୍ୟ ଭାଗର ଡାହାଣପଟକୁ ମଧ୍ୟଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପିଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ଥିବାବେଳେ ଏହାକୁ ଶରୀରର ବିଜ୍ଞାନଗାର କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ସମୟରେ ଏହା ବହୁତ ରାସାୟନିକ କାର୍ଯ୍ୟ କରିଥାଏ । ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ସୃଷ୍ଟି କରିବାରେ ଯକୃତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନ ଆବଶ୍ୟକ ପଡ଼େ ଯଥା ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ତାହା ଯକୃତ ଲେବୋରେଟରିରେ ହିଁ ତିଆରି ହୁଏ । ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣି ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଶର୍କରା ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଲିଭର ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ । ଏହି ବ୍ୟସ୍ତବହୁଳତା ମଧ୍ୟରେ ଯକୃତ ତାର କର୍ମ କରୁଥିବା ସମୟରେ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଯକୃତର ସମସ୍ୟା ବଢ଼ିଯାଏ । ମଧୁମେହ ଓ ଯକୃତ ପରସ୍ପର ନିର୍ଭରଶୀଳ । ମଧୁମେହ ରୋଗ ହେଲେ ଯକୃତ ଖରାପ ହୁଏ ଓ ଯକୃତ ଖରାପ ହେଲେ ମଧ୍ୟ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ । ଏହା ବାଦ ଦେଇ ଅନ୍ୟ କେତେକ ରୋଗରେ ଉଭୟ ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଆକ୍ରାନ୍ତ ହୁଅନ୍ତି । ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ୪୦-୭୦% କ୍ଷେତ୍ରରେ ଯକୃତରେ ଚର୍ବି ଜମିଯାଏ । ଏହାକୁ ଫ୍ୟାଟିଲିଭର କୁହନ୍ତି । ଅତ୍ୟଧିକ ଚର୍ବି ଜମିଲେ ଯକୃତ କୋଷରେ ଏକ ପ୍ରକାର ପ୍ରଦାହ ସୃଷ୍ଟି ହୋଇ ରକ୍ତରେ ଲିଭର ପାଚକ ରସର ମାତ୍ରା ବୃଦ୍ଧିପ୍ରାପ୍ତ ହୁଏ । ଏହାକୁ ନାସ୍ ବା ଷ୍ଟିଆଟୋ ହେପାଟାଇଟିସ୍ କୁହାଯାଏ । ଧୀରେ ଧୀରେ ଚର୍ବି ଜମିଲେ ଲିଭର କୋଷର କ୍ଷତ ସୃଷ୍ଟି ହୋଇ ସଂଯୋଜକ ତନ୍ତୁରେ ମୋଟା ଦାଗ ଜମିଯାଏ । ଏହା ଯକୃତର କାର୍ଯ୍ୟ କ୍ଷମତାକୁ କମାଇ ଦିଏ ଓ ସୂତ୍ରତନ୍ତୁମୟତା ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ହୋଇ ଧୀରେ ଧୀରେ ସିରୋସିସ୍ ବା ଜଳଉଦରୀ ରୋଗର ସୃଷ୍ଟି ହୁଏ । ମଧୁମେହ ରୋଗରେ ଯକୃତ କ୍ୟାନସରର ସଂଖ୍ୟା ମଧ୍ୟ ଅଧିକ । ମଧୁମେହରେ ଲିଭରର ପିତ୍ତ କୋଷରେ ପଥର ସୃଷ୍ଟି ହୁଏ । ମଧୁମେହ ରୋଗରେ ବ୍ୟବହୃତ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ବେଳେ ବେଳେ ଜଣ୍ଡିସ୍ ହୁଏ । ମଧୁମେହରେ ଜଣ୍ଡିସ ବା ହେପାଟାଇଟିସ୍ ହେଲେ ସେଥିରେ ଜଣ୍ଡିସ୍‌ର ମାତ୍ରା ଅତ୍ୟଧିକ ଭାବରେ ବଢ଼ିଯାଏ ଓ ବେଳେବେଳେ ପେଟରେ ପାଣି ଜମିଯାଏ । ବେଳେବେଳେ ରୋଗୀମାନେ ସେଥିରେ ମୃତ୍ୟୁବରଣ କରନ୍ତି । ମଦ୍ୟପାନ ଓ ହେପାଟାଇଟିସ୍ 'ବି', 'ସି'କୁ ବାଦ ଦେଲେ ମଧୁମେହ ରୋଗ ହେଉଛି ଲିଭର ସିରୋସିସ୍ ବା ଜଳଉଦରୀ ବ୍ୟାଧିର ମୁଖ୍ୟ କାରଣ । ମଧୁମେହ ବା ହେପାଟାଇଟିସ୍ 'ବି' ଓ 'ସି' ଭୂତାଣୁ ବେଳେ ବେଳେ ମିଶି ଯକୃତକୁ ଆକ୍ରମଣ କରନ୍ତି । ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଖରାପ ହେଲେ ଏହା ସାଂଘାତିକ ଅବସ୍ଥା ସୃଷ୍ଟି କରେ । ଲିଭରରେ ଅତ୍ୟଧିକ ଲୌହକଣିକା ଜମିଗଲେ ଲିଭର ସିରୋସିସ୍ ଓ ଡାଏବେଟିସ୍ ହୁଏ । ଏହାକୁ ବ୍ରୋଞ୍ଜ ଡାଏବେଟିସ ବା ହିମୋକ୍ରୋମାଟୋସିସ୍ କୁହନ୍ତି । ଅଟୋଇମ୍ୟୁନ୍ ଲିଭର ରୋଗରେ ମଧ୍ୟ ଅଗ୍ନ୍ୟାଶୟ ଖରାପ ହୋଇ ଡାଏବେଟିସ୍ ହୁଏ । ଏହାକୁ ଟାଇପ-୧ ଡାଏବେଟିସ ଓ ଅଟୋଇମ୍ୟୁନ୍ ଲିଭର ରୋଗ ବୋଲି କୁହନ୍ତି । ଅଗ୍ନ୍ୟାଶୟ ଓ ଲିଭର ଏକାଠି ଆକ୍ରାନ୍ତ ହେଲେ ଉଭୟ ରୋଗର ଲକ୍ଷଣ ଦେଖାଯାଏ । ଭୋକ ଲାଗେନାହିଁ, ଜଣ୍ଡିସ୍ ହୁଏ, ଆଖି ହଳଦିଆ ଦେଖାଯାଏ, ପେଟରେ ପାଣି ଜମିଯାଏ । ବେଳେବେଳେ ବୃକକ୍ ଖରାପ ହୋଇ ପରିସ୍ରା କମିଯାଏ । ମନୁଷ୍ୟର ଚେତା ମଧ୍ୟ ବୁଡ଼ିଯାଏ । ମଧୁମେହ ରୋଗ ଯୋଗୁଁ ହୃତ୍‌ପିଣ୍ଡ, ଲିଭର, ଫୁସ୍‌ଫୁସ୍, ବୃକକ୍, ରକ୍ତନଳୀ ଓ ସ୍ନାୟୁଗୁଚ୍ଛ ଇତ୍ୟାଦି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖରାପ ହୋଇଯାଏ । ଏହା ଏକ ଦାରୁଣ ବ୍ୟାଧି ଓ ରୋଗୀ ମୃତ୍ୟୁମୁଖରେ ପଡ଼େ । ପ୍ରଥମ ଅବସ୍ଥାରୁ ଉଭୟ ରୋଗର ଚିକିତ୍ସା ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କଲେ ଏଥିରେ ରୋଗ ଉପଶମ ହେବାର ଆଶା ରହିଛି । ଇନ୍‌ସୁଲିନ୍ ଓ ବିଭିନ୍ନ ପ୍ରକାର ଲିଭର ଔଷଧ ପ୍ରୟୋଗ କରାଯାଏ । ରୋଗୀ ମାନଙ୍କୁ ଦରକାର ହେଲେ ଆଇସିୟୁରେ ରଖିବାକୁ ପଡ଼େ । ତେଣୁ ଏସବୁ କ୍ଷେତ୍ରରେ ପ୍ରଥମରୁ ସାବଧାନ ହେବାର ବହୁତ ଆବଶ୍ୟକତା ରହିଛି । ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗାସନ କଲେ ମଧୁମେହର ନିଆଁ କମିଯାଏ ଓ ଯକୃତର ମଧ୍ୟ ଉପଶମ ମିଳେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଲିଭର ବିଭାଗରେ ଉପରୋକ୍ତ ଚିକିତ୍ସାର ସମସ୍ତ ସୁବିଧା ରହିଛି ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବୋଇତ ବନ୍ଦାଣ ପରମ୍ପରା



ଯଶସ୍ୱିନୀ ପଟ୍ଟନାୟକ

କାର୍ତ୍ତିକ ପୂର୍ଣ୍ଣିମାର ପାହାନ୍ତି ପ୍ରହରେ 'ଡ଼ଂଗାଭସା' ଆମର ଏକ ପ୍ରାଚୀନ ପରଂପରା । ଏକଦା ଓଡ଼ିଶାର ସାଧବ ପୁଅ ସୁଦୂର ବାଲି ଜାଭା, ସୁମିତ୍ରା ଦ୍ୱୀପକୁ ବଣିଜ କରି ଯାଉଥିବା ଆମର ଏକ ବିଶ୍ୱାସ । ନିକଟରେ ପୁରୀର ମାଣିକପାଟଣା, କୋଣାର୍କ ନିକଟବର୍ତ୍ତୀ, ଖାଲକଟାପାଟଣା ଏବଂ ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମୁହାଣ ଖୋଳାହୋଇ ମିଳିଥିବା ପ୍ରାଚୀନ ମୁଦ୍ରା, ଭଗ୍ନପାତ୍ର ଓ ଜାହାଜର ଲଂଗର ଏହାର ଐତିହାସିକ ସଭ୍ୟତାକୁ ପ୍ରତିପାଦିତ କରୁଛି । ଏ ପରଂପରା ପଶ୍ଚାତରେ ଥିବା ଲୋକକଥା ଓ ବିଶ୍ୱାସ ଯେ ଅମୂଳକ ନୁହେଁ ଏହା କ୍ରମେ ପ୍ରମାଣିତ ହୋଇପାରୁଛି । ଚଂନ୍ଦ୍ରାଙ୍କିତ ରଜନୀ । ସ୍ୱଚ୍ଛ ସୁନୀଳ ଆକାଶ । କୁହୁଡ଼ିର ମ୍ଳାନ ଆସ୍ତରଣ ଭିତରେ ଆଉଟା ରୂପା ପରି ଶୁଭ୍ର ଜ୍ୟୋସ୍ନା ସୃଷ୍ଟି କରୁଥାଏ ଏକ ଅପରୂପ ମାୟା । ସତେ ଯେପରି ଜହ୍ନ ଆଲୁଅ ପହଁରି ପହଁରି ଆସି ଛୁଇଁ ଯାଉଛି ମାଟି । ଆଜି ହେଉଛି ଓଡ଼ିଆ ଜନଜୀବନର ସବୁଠାରୁ ସ୍ମରଣୀୟ ଦିନ, କାର୍ତ୍ତିକ ପୂର୍ଣ୍ଣିମା । ହେମନ୍ତର ଶିଶିର ସ୍ନାତ ବନ୍ଦାଣର ବେଳା । ଭଳି ଭଳି ରଂଗର ସୋଲ କାଗଜ ଅଥବା କଦଳୀ ବାସୁଂଗାର ଡ଼ଂଗା । କାଠିରେ ମୁଡା ହୋଇଥିବା ଘିଅ ଭିଜା ତୁଳା ସଳିତା । ହାତରେ ପାନପତ୍ର, ଗୁଆ, ଅକ୍ଷତ, ରାଶିର ପଞ୍ଚଶସ୍ୟ । କାଗଜ ଡଙ୍ଗାର ସଳିତା ପ୍ରଜ୍ୱଳିତ ହୋଇଥାଏ । ଗୁଆ ଅକ୍ଷତ ସହ ପାନ ଗୁଆ ଅର୍ପଣ କରି ପାଣି ଚହଲାଇ ଡଂଗାକୁ ଭସାଇ ଦିଆଯାଏ । ହୁଳି ହୁଳି ଓ ଶଂଖ ନିନାଦ ସହ ସବୁରି କଣ୍ଠରେ ଗୋଟିଏ ଧ୍ୱନୀ "ଆ, କା, ମା, ଭୈ...ପାନ ଗୁଆ ଖାଇ । ଗାଁ ପୋଖରୀରେ ଅସଂଖ୍ୟ ଆଲୋକ ପ୍ରଜ୍ୱଳିତ ସୋଲ, କାଗଜ, ବାସୁଂଗାର ଡ଼ଂଗା । ଭୁଆଷୁଣୀ ବୋହୁଠାରୁ ବୃଦ୍ଧା ଓ କୁନି କୁନି ପିଲାଙ୍କ ଭିତରେ କୋଳାହଳମୟ ତଟ ଦେଶ । ନିଜ ବାଡ଼ିର ଟୁବ ଗାଡ଼ିଆଠାରୁ, ନଦୀ ଓ ସମୁଦ୍ର ଯାଏ ଏହି ଏକା ଦୃଶ୍ୟ ସବୁଠିଁ ଓଡ଼ିଶା ସାରା ଏ ଆମ 'ବାଇତ ବନ୍ଦାଣ'ର ପରଂପରା । ବୋଇତ ବନ୍ଦାଣର ସେ ଗହଗହ ମୁହୂର୍ତ୍ତ ପ୍ରତ୍ୟେକ ଶିଶୁର ମାନସ ପଟରେ ଆଙ୍କି ହୋଇ ରହିଯାଏ ଆଜୀବନ । ସିଂଦୂରା ଫାଟି ଆସୁଥିବା ଆକାଶ, ଲିଭି ଲିଭି ଆସୁଥିବା ତାରା, ମଉଳି ଆସୁଥିବା ଜହ୍ନର ଆଲୁଅ, କୁହୁଡ଼ି ଘେରା ଦିଗନ୍ତ, କଳରବ କରି ଉଡ଼ିଯାଉଥିବା ମାଳ ମାଳ ଚଢ଼େଇର ସ୍ୱର, ଗାଁର ଅନତିଦୂର ମଂଦିରରୁ ଭାସି ଆସୁଥିବା ଅହୋରାଜ ସଂକୀର୍ତ୍ତନର ଉଦଣ୍ଡ ଶବ୍ଦ, କୁଳବଧୂମାନଙ୍କର ପାଉଁଜି ସିଂଜନି, ହୁଳହୁଳି ଓ ଶଂଖର ଧ୍ୱନୀ ଏବଂ ସର୍ବୋପରି ଦୀପାବଳୀରୁ କଳକୀ ରହିଯାଇଥିବା କିଜ ଆତମ୍‌ବାଜିର କରାମତି- ଏସବୁ ଶବ୍ଦ ମିଶିକିଧରି ଏକ ଅପୂର୍ବ ଆବେଗ ସୃଷ୍ଟି କରେ । ବାରମ୍ବାର ଚହଲା ପାଣିରେ ଦୂରକୁ ଭାସି ଭାସି ଚାଲିଯାଉଥାଏ କାଗଜ ଡଂଗା । ଲିଭିଯାଏ ସଳିତା, କିଂନ୍ତୁ ଆଜିଯାଏ ଲିଭିନାହିଁ ଏ ପରଂପରା । କେତେଦିନର ଏ ପରଂପରା – ଆଜି ଯାଏ ତା'ର ନିର୍ଦ୍ଦିଷ୍ଟ ଐତିହାସିକ ପ୍ରମାଣ ମିଳିନାହିଁ । ଏ ମାଟିରେ ପ୍ରମାଣକୁ ଖୋଜି, ତାହାକୁ ଆଧାର କରି ପରଂପରା ପାଳିତ ହୁଏ ନାହିଁ ହୁଏ ବିଶ୍ୱାସବୋଧରୁ, ପିଢ଼ି ପରେ ପିଢ଼ି ଆସୁଥିବା ଏକ ପାରାଂପାରିକ ଧାରା ପ୍ରତି ଗଭୀର ସମ୍ମାନବୋଧରୁ । ଠିକ୍ ଏହି ସମୟରେ ମାସଟିଏ ପାଇଁ ଜଳେ ଆକାଶଦୀପ । ପ୍ରବାସକୁ ବୋଇତ ନେଇ ଯାଉଥିବା ନିଜ ଆତ୍ମୀୟ ସ୍ୱଜନଙ୍କ ପାଇଁ ଅଜସ୍ର ଶୁଭମନାସ ଜଣାଇ ପ୍ରତିଦିନ ସଂଧ୍ୟାରେ ଘିଅ ଦୀପଟିଏ ଉଠାଯାଏ ସଳଖ ବାଉଁଶଟିରେ ଅଗ୍ରଭାଗ ଯାଏ – ସେ ଆଲୁଅ ଦେଖି ପ୍ରବାସଯାତ୍ରୀ ବୁଟେ, ସେ କେତେଦୂର ଚାଲି ଆସିଲାଣି ଜଳଯାତ୍ରାରେ । ପ୍ରତିବର୍ଷ ଚତୁର୍ମାସ୍ୟାରେ ବାଣିଜ୍ୟ ଶେଷ କରି ପରବାସୀ ନିଜ ଘରକୁ ଫେରେ – ଆଷାଢ଼ରୁ କାର୍ତ୍ତିକ ଯାଏ ହେ ମା । ବରାଭୟ ପ୍ରଦାନ କର – ସେଇଥି ପାଇଁ ଆ, କା, ମା' ଭୈ । ପୁଣି କାର୍ତ୍ତିକରୁ ବିଦାୟ ନିଏ ସାଧବ ପୁଅ ବର୍ଷାକାଳ ଆରମ୍ଭଯାଏ । କାର୍ତ୍ତିକ ମାସରେ ଓଡ଼ିଶାରେ ଅନ୍ୟତମ ପର୍ବ ପାଳିତ ହୁଏ – ବାଲିଯାତ୍ରା । ୧୯୯୩ ମସିହାରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗପକ୍ଷରୁ ଏକ ନୌଯାତ୍ରୀ ଦଳକୁ ନେଇ ସୁସଜ୍ଜିତ ବୋଇତ ଯାତ୍ରା କରିଥିଲା ଇଂଦୋନେସିଆ, ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ନାମକ ଶତାଧିକ ଦ୍ୱୀପପୁଞ୍ଜର ଏଇ ଶ୍ୟାମଦେଶ ବା ଇଂଦୋନେସିଆ । ଓଡ଼ିଶାରେ ନୌଯାତ୍ରା ସଂପର୍କରେ ବହୁ କିମ୍ବଦନ୍ତୀ ପ୍ରଚଳିତ । ପୁରୁଷୋ ମ ଦେବଙ୍କ କାଞ୍ଚିବିଜୟ, ଜଗନ୍ନାଥ ବଳଭଦ୍ରଙ୍କ କଳାଘୋଡ଼ା, ଧଳାଘୋଡ଼ା ଚଢ଼ିଯାତ୍ରା ଏବଂ ମାଣିକ ଗଉଡୁଣୀର ଦହିଖାଇ ରତ୍ନମୁଦ୍ରିକା ପ୍ରଦାନ କିମ୍ବଦନ୍ତୀ ସୂଚନା ଦିଏ ମାଣିକପାଟଣାଠାରେ ଆବିଷ୍କୃତ ବୋଇତ ପ୍ରାଚୀନ ଚୀନ ଦେଶର ପାତ୍ର, ଶ୍ରୀଲଙ୍କାର ପ୍ରାଚୀନ ମୁଦ୍ରା । ଏହି ପ୍ରତ୍ନତାତତ୍ତ୍ୱିକ ଖନନର ଦାୟିତ୍ୱ ନେଇଥିଲେ ବିଶିଷ୍ଟ ଗବେଷକ, ବିଶେଷଜ୍ଞ ଡଃ କରୁଣା ସାଗର ବେହେରା । ସମୁଦ୍ର ଓ ସମୁଦ୍ର ଯାତ୍ରା ସହିତ ଆମର ପରମ୍ପରାର ନିବିଡ଼ ସଂପର୍କ ରହିଛି । ପରମ୍ପରାକୁ ପ୍ରତିପାଦିତ କରିବାକୁ ହେଲେ ଭୈଗୋଳିତ ଅବସ୍ଥାନକୁ ବିଚାରକୁ ନେବାକୁ ପଡ଼ିବ । ଉତ୍କଳୀୟ ପରମ୍ପରାକୁ ପୁନଶ୍ଚ ଭାରତୀୟ ସଂସ୍କୃତି ଓ ଐତିହ୍ୟ ପରିପ୍ରେକ୍ଷୀରେ ବିଚାର କରିବାକୁ ହେବ । ସମୁଦ୍ର ଯାତ୍ରାର ସୂଚନା ଆମର ବୈଦିକ ଯୁଗରୁ ରହିଛି । ସିନ୍ଧୁ ସଭ୍ୟତାର ଖନନରୁ ବୋଇତର ଖୋଦିତ ଚିତ୍ର ମଧ୍ୟ ରହିଛି । ବହୁ ପ୍ରାଚୀନ କାଳରୁ ବାହାର ଦେଶମାନଙ୍କ ସହିତ ଆମର ବାଣିଜ୍ୟକ ଓ ସାଂସ୍କୃତିକ ସଂପର୍କ ରହିଥିବାର ପ୍ରମାଣ ଅଛି । ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ବଙ୍ଗଳା, ତାମିଲନାଡୁ ଓ ଗୁଜୁରାଟ୍ ଭଳି ସମୁଦ୍ର ଉପକୂଳର ରାଜ୍ୟମାନଙ୍କର ସଂପର୍କ ରହିଥିବା ପ୍ରତିଷ୍ଠିତ ହୋଇସାରିଛି । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ କ୍ଷେତ୍ରରେ ବାହାର ଦେଶମାନଙ୍କ ସଂପର୍କନେଇ ପୂର୍ବରୁ ବିଶେଷ କିଛି ଗବେଷଣା ହୋଇନଥିଲା । ଏହା କେତେ ପ୍ରାଚୀନ ଏବଂ ଏହାର ଐତିହାସିକ ଗୁରୁତ୍ୱ କେତେଦୂର ରହିଛି, ସେ ସଂର୍ପକରେ ସବିଶେଷ ତଥ୍ୟ ଆଜିଯାଏ ଉଦ୍‌ଘାଟିତ ନ ହୋଇଥିଲେ ବି ଉତ୍କଳୀୟ ନୈବାଣିଜ୍ୟ ଯେ ଏକଦା ଥିଲା, ତାହା ଅନ୍ତତଃ ପକ୍ଷେ ସ୍ପଷ୍ଟ । ଆମର 'ବୋଇତ ବନ୍ଦାଣ' ପରମ୍ପରା ବହୁ ପ୍ରାଚୀନ, ଏକ ସତ୍ୟବଦ୍ଧ ଐତିହ୍ୟ ଉପରେ ଏହାର ଭିତ୍ତି ପ୍ରତିଷ୍ଠିତ ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ପଞ୍ଚକ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ ଦେବଉତ୍‌ଥାପନ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିନକୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଇଥାଏ । ଏହା ମହାପଞ୍ଚକ, ବକ ପଞ୍ଚକ ବା ଭୀଷ୍ମ ପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିନ ଠାରୁ ସାତ ଦିନ ହବିଷ୍ୟ ରଖନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ଏହି ପଞ୍ଚକରେ ବକମାନେ ମଧ୍ୟ ଆମିଷ ଭୋଜନରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି । ତେଣୁ ଏହାକୁ ବକ ପଞ୍ଚକ କୁହାଯାଏ । ଶର ଶଯ୍ୟାରେ ଶାୟିତ ଭୀଷ୍ମ ରାଜ ଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବିଷୟରେ ବର୍ଣ୍ଣନା କରିଥିଲେ । ଯାହାକୁ ପାଣ୍ଡବମାନଙ୍କ ସହିତ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ ଭୀଷ୍ମଙ୍କୁ ବର ଦେଇଥିଲେ । ଭୀଷ୍ମ କାର୍ତ୍ତିକ ଏକାଦଶୀ ଦିନ ଜଳର ଇଚ୍ଛା କରିଥିଲେ । ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ଉତ୍ପନ୍ନ କରି ତାଙ୍କ ପ୍ରାଣ ସନ୍ତୁଷ୍ଟ କରିଥିଲେ । ଏଣୁ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯେଉଁମାନେ ଭୀଷ୍ମଙ୍କୁ ଜଳ ଓ ଅର୍ଘ ଦାନ କରନ୍ତି ସେମାନେ ବିଷ୍ଣୁଙ୍କୁ ମଧ୍ୟ ତୃପ୍ତ କରିଥାନ୍ତି । ସେଥିପାଇଁ ପଞ୍ଚକକୁ ଭୀଷ୍ମପଞ୍ଚକ ବୋଲି ମଧ୍ୟ କୁହାଯାଇଥାଏ । ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଭୀଷ୍ମ ପଞ୍ଚକ ପାଳିଥାନ୍ତି । ଏହି ପଞ୍ଚକରେ ୩୩କୋଟି ଦେବତା ଏକତ୍ର ହୋଇ ମଣିଷର ନିକଟତର ହୋଇଥାନ୍ତି । ଏହି ସମୟରେ ଏକ ଲକ୍ଷ ତୁଳସୀ ପତ୍ର ଚଢ଼ାଇ ବିଷ୍ଣୁଙ୍କୁ ପୂଜା କଲେ, ସମସ୍ତ ଦେବତା ପ୍ରସନ୍ନ ହୋଇ ବରପ୍ରଦାନ କରିଥାନ୍ତି । ଓଡ଼ିଆ ଆଧାତ୍ମିକ ଚେତନାରେ କାର୍ତ୍ତିକ ମାସର ପଞ୍ଚୁକ ଅର୍ଥାତ୍ ପାଞ୍ଚଦିନକୁ ନିଷ୍ଠା ଓ ଧର୍ମପରାୟଣତାର ପ୍ରତିକାତ୍ମକ ଦିବସ ଭାବେ ବିଚାର କରାଯାଏ । କେବଳ ଗ୍ରାମାଞ୍ଚଳରେ ନୁହେଁ ସହରାଞ୍ଚଳରେ ମଧ୍ୟ ପଞ୍ଚକର ମହତ୍ତ୍ୱ ବିଭିନ୍ନ ଦେବାଳୟ, ଧର୍ମପୀଠ, ମନ୍ଦିରରେ ଦେଖିବାକୁ ମିଳିଥାଏ । ଗାଁରେ କେତେକ ସ୍ଥାନରେ ପଞ୍ଚକରେ ଗ୍ରାମଦେବତୀ ବା ଜଗନ୍ନାଥ ମନ୍ଦିରରେ ହରିହାଟ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ ସହ ହବିଷ ପ୍ରସାଦ ପ୍ରସ୍ତୁତି କରାଯାଇ ବିତରଣ କରାଯାଇଥାଏ । କେତେକ ଧର୍ମପରାୟଣ ଏହି ପଞ୍ଚୁକ ପାଞ୍ଚ ଦିନରେ ଅନ୍ନଦାନ ଓ ବସ୍ତ୍ରଦାନ କରି ଅଶେଷ ପୁଣ୍ୟ ପାଇଥାନ୍ତି । ଆଜିକାଲି ସହରାଞ୍ଚଳରେ ପଞ୍ଚୁକ ପାଞ୍ଚଦିନ ବିଭିନ୍ନ ମଠମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତ ହୋଇ ଭକ୍ତମାନଙ୍କୁ ବିତରଣ କରାଯାଏ । ଏହି ପଞ୍ଚକ ଦିବସରେ ଅନେକ ଧର୍ମାଶ୍ରିତ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ପ୍ରାପ୍ତ ହେଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରଖିଥାନ୍ତି । ପଞ୍ଚକ ପାଞ୍ଚଦିନ ଓଡ଼ିଆ ବିଧିବିଧାନରେ ସକାଳ ଓ ସଂଧ୍ୟା ଦିନକୁ ଦୁଇଥର ବୃନ୍ଦାବତୀ ଦେବୀଙ୍କ ପାଖରେ ଦୀପ ଓ ପୁଷ୍ପସମର୍ପଣ କରାଯିବାର ବିଧିକୁ କେତେକ ପାଳନ କରିଥାନ୍ତି । ତେବେ ଯାହାହେଉନା କାହିଁକି ଓଡ଼ିଆ ଆଧାତ୍ମିକ ଭାବନା ଓ ଧର୍ମଚେତନାରେ ପଞ୍ଚକର ମହତ୍ତ୍ୱ ଯେ ଯୁଗ ଯୁଗ ଧରି ରହିଆସିଛି ଏହା ଅତ୍ୟୁକ୍ତି ନୁହେଁ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଅସାମାଜିକ ତତ୍ତ୍ୱ କ'ଣ ଆମ ଆଦର୍ଶ



ଗୋପାଳ ମହାପାତ୍ର

ଭାରତ ବର୍ଷ ଏକଦା ବିଶ୍ୱଗୁରୁ ଥିଲା ବୋଲି କହି ଆମେ ନିଜକୁ ଗର୍ବିତ ଅନୁଭବ କରୁଛେ । ବିଗତ ଦଶନ୍ଧି ଧରି ଏକଥାକୁ ନେଇ ଚର୍ଚ୍ଚା ଅଧିକ ଜୋର ଧରିଛି ଏବଂ କୁହାଯାଉଛି ଯେ ଭାରତବର୍ଷ ପୁନଃ ବିଶ୍ୱ ଗୁରୁ ହେବାକୁ ଯାଉଛି । କିନ୍ତୁ ଦେଶ ଶହଶହ ବର୍ଷ ପୁର୍ବେ ବିଶ୍ୱଗୁରୁ ଥିଲା ବୋଲି କୁହାଯାଉଥିବା ସମୟ ଏବଂ ଏବେ ବିଶ୍ୱଗୁରୁ ହେବା ପାଇଁ ଯେଉଁ ପ୍ରସ୍ତୁତି ଚାଲିଛି ସେ ସମୟ ଭିତରେ ଅନେକ ପାର୍ଥକ୍ୟ ରହିଛି । ପୂର୍ବେ ବିଶ୍ୱଗୁରୁ ଭାରତରେ ଯେଉଁ ଆଦର୍ଶର କଥା ଥିଲା, ଆମର ପ୍ରେରଣାସ୍ରୋତ, ଆମର ମାର୍ଗ ଦର୍ଶକ ନିଶ୍ଚିତ ରୂପରେ ଅନେକ ମହାପୁରୁଷ ହୁଏତ ଥିଲେ ଯେଉଁମାନେ ଆମକୁ ଆଦର୍ଶ ଜୀବନ ଯାପନ କରିବା, ଚରିତ୍ରବାନ୍ ହେବା, ମାନବୀୟ ମୂଲ୍ୟକୁ ପାଳନ କରିବା, ସଦ୍‌ଭାବ, ସହଯୋଗ, ସହାୟତା ଭଳି ମୂଲ୍ୟକୁ ଆପଣେଇବା ପାଇଁ ପ୍ରେରଣା ଦେଇଥିବେ । ଆମର ଅନେକ ଧାର୍ମିକ ଗ୍ରନ୍ଥରେ ମଧ୍ୟ ଏହି ଭଳି ଧାର୍ମିକ, ସାମାଜିକ ଓ ମାନବୀୟ ଶିକ୍ଷା ଓ ନିର୍ଦ୍ଦେଶ ଭରି ହୋଇ ରହିଛି । ଆମ ଦେଶର ଇତିହାସରେ ଅନେକ ବଳିଦାନ, ତ୍ୟାଗୀ, ତପସ୍ୱୀ, ଋଷି, ମୁନୀ, ସନ୍ଥ ଏବଂ ପୀର-ଫକୀରଙ୍କ ଆଦର୍ଶ ଉଲ୍ଲେଖ ରହିଛି ଯେଉଁମାନେ ସେମାନଙ୍କ ଆଚରଣରେ କେବଳ ଦେଶ ନୁହେଁ ପୁରା ଦୁନିଆକୁ ମାର୍ଗ ଦର୍ଶନ ଦେଇଥିଲେ । କିନ୍ତୁ ଯେତେବେଳେ 'ଭାରତ ପୁଣିଥରେ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି ଚର୍ଚ୍ଚାଚାଲିଛି ଠିକ୍ ସେହି ସମୟରେ 'ବିଶ୍ୱଗୁରୁ ପାର୍ଟି-୨'' ସମୟରେ ଆମେ ଆଜିର ଆଦର୍ଶ, ପ୍ରେରଣା ସ୍ରୋତ ଏବଂ ମାର୍ଗଦର୍ଶକଙ୍କ ଉପରେ ନଜର ପକାଇଲେ ଅନ୍ୟ କିଛି ଦୃଷ୍ୟ ଦେଖିବାକୁ ମିଳିଥାଏ । ପୁର୍ବେ ଯେଭଳି ପ୍ରେରଣାସ୍ରୋତ ମହାପୁରଷ ଥିଲେ ସେଭଳି ମହାପୁରୁଷଙ୍କ ବାବଦରେ ଏବେର ସମୟରେ କଳ୍ପନା କରାଯାଇ ପାରିବ ନାହିଁ । କିନ୍ତୁ ତାଠାରୁ ବଡ଼ ଦୁଃଖଦ ଘଟଣା ହେଉଛି ଆଜିର ସମାଜର ଏକ ବଡ଼ ବର୍ଗ ବିଶେଷକରି ଯୁବବର୍ଗ ଏମିତି ବ୍ୟକ୍ତିଙ୍କୁ ନିଜର ଆଦର୍ଶ ବୋଲି ମାନୁଛନ୍ତି ବା ଏମିତି ଲୋକଙ୍କୁ ନିଜର ପ୍ରେରଣାର ସ୍ରୋତ ବୋଲି ଭାବୁଛନ୍ତି ଯେଉଁମାନେ ଅପରାଧି, ହତ୍ୟାକାରୀ, ବଳାତ୍କାରୀ, ଗୁଣ୍ଡା, ମଦ୍ୟପ ପ୍ରବୃ ିର ଅଟନ୍ତି । ଏହାଠାରୁ ବଡ଼ ଦୁର୍ଭାଗ୍ୟ ହେଉଛି ଆଜିର ସମାଜ ଭଲ- ମନ୍ଦ ବା ପକ୍ଷ- ବିପକ୍ଷ କଥା କହିବା ପୁର୍ବରୁ ଧର୍ମ, ସଂପ୍ରଦାୟ ଓ ଜାତି କଥାକୁ ନେଇ ନିର୍ଣ୍ଣୟ ନେଇଥାଏ । ବିଗତ ଏକ ଦଶନ୍ଧିରେ ଭାରତବର୍ଷରେ ଏମିତି ଶହେରୁ ଅଧିକ ଉଦାହରଣ ରହିଛି ଯେଉଁସବୁ ଉଦାହରଣରୁ ସ୍ପଷ୍ଟ ଯେ ଲୋକେ ଏପରିକି ଶାସକ ମଧ୍ୟ ହତ୍ୟାକାରୀ, ବଳାତ୍କାରୀଙ୍କୁ ମହିମାମଣ୍ଡନ କରୁଛନ୍ତି । ବଳାତ୍କାରୀ ଏପରିକି ଗଣବଳାତ୍କାରୀଙ୍କୁ ସମ୍ମାନୀତ କରାଯାଉଛି, କେତେକ ରାଜ୍ୟ ସରକାର ଏଭଳି ଅପରାଧରେ ଲିପ୍ତ ଅପରାଧିଙ୍କୁ ଜେଲରୁ ମୁକୁଳାଇ ଦେଉଛନ୍ତି । ଅପରାଧିଙ୍କୁ ଚରିତ୍ରବାନ ର ଆଖ୍ୟା ଦିଆଯାଉଛି । ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବଳାତ୍କାର ଓ ଗଣହତ୍ୟା ଭଳି ଅପରାଧରେ ଦୋଷୀଙ୍କୁ ଆବଶ୍ୟକତାଠାରୁ ଅଧିକ ବାର ଜେଲରୁ ପେରୋଲରେ ବାହାର କରାଯାଉଛି । ସମ୍ବେଦନଶୀଳ କଥା ହେଉଛି ଧର୍ମ ଆଧାରରେ ଜାମ୍ମୁକାଶ୍ମୀରର କଠୁଆର ଏକ ୮ ବର୍ଷର ନିଷ୍ପାପ ଶିଶୁକନ୍ୟାଙ୍କୁ ସାମୁହିକ ବଳାତ୍କାର କରିବା ସହ ତାର ହତ୍ୟା କରାଯାଇ ଶବକୁ ଜଙ୍ଗଲରେ ଫୋପାଡି ଦେଇଥିବା ଲୋକଙ୍କ ସମର୍ଥନରେ ଜାମ୍ମୁ-କାଶ୍ମୀର ସରକାରର ମନ୍ତ୍ରୀ ଓ ବିଧାୟକ ଏପରିକି ପାର୍ଟି କାର୍ଯ୍ୟକ । ଶୋଭା ଯାତ୍ରା ବାହାର କରିବା, ଧାରଣା ଦେବା ଓ ତ୍ରିରଙ୍ଗା ଯାତ୍ର କରିବା ଭଳି ଘଟଣା ଘଟିଛି । ଏବେ ଅପରାଧ ପୁର୍ଣ୍ଣ ପ୍ରବୃ ିରେ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଅପରାଧି ଓ ଆତଙ୍କବାଦୀ ଏପରିକି ଗାଙ୍ଗଷ୍ଟାରଙ୍କୁ ମଧ୍ୟ ମହିମାମଣ୍ଡନ କରାଯାଉଛି । ଯେଉଁମାନେ ଦେଶ ତଥା ବିଦେଶରେ ଅପରାଧର ର୍‌ୟାକେଟ ଚଳାଉଛନ୍ତି ସେମାନେ ନିଜର ଧର୍ମ ଓ ଜାତିର ଚାଦର ଘୋଡ଼େଇହୋଇ ନିଜକୁ ସମାଜର ଆଦର୍ଶ ପୁରୁଷ ଓ ପ୍ରେରଣାସ୍ରୋତ ଭାବେ ନିଜକୁ ସ୍ଥାପିତ କରିବାରେ ସକ୍ଷମ ହୋଇ ପାରୁଛନ୍ତି । ମଜାଦାର କଥା ହେଉଛି ଏହିଭଳି ଅପରାଧି ମାନଙ୍କୁ ଆମ ସମାଜ ଏପରିକି ରାଜନେତା ମାନଙ୍କର ସମର୍ଥନ ମିଳିବାରେ ଲାଗିଛି । ଏଭଳି ସ୍ଥିତି ଅଚାନକ ଭାବେ ସୃଷ୍ଟି ହୋଇନାହିଁ ବରଂ ରାଜନେତା ମାନଙ୍କ ସମର୍ଥନ ହାସଲ କାରଣରୁ ସାଂପ୍ରଦାୟିକ ଓ ଜାତିବାଦୀ ତତ୍ତ୍ୱ ମାନଙ୍କ ଦ୍ୱାରା ଧିରେ ଧିରେ ଦେଶର ପରିବେଶ ବଦଳିବାରେ ଲାଗିଛି । ମହାପୁରୁଷଙ୍କ ଅଭାବରେ ବ ମାନର ସମୟରେ ଏବେ ହତ୍ୟାକାରୀ, ବଳାତ୍କାରୀ, ଗୁଣ୍ଡା ଓ ମଦ୍ୟପ ମାନଙ୍କୁ ଲୋକେ ନିଜର ଆଦର୍ଶ ବୋଲି ଗ୍ରହଣ କରିନେଉଛନ୍ତି । ସ୍ପଷ୍ଟ ଶବ୍ଦରେ ଏମାନଙ୍କ ଚରିତ୍ର ଏମାନଙ୍କ ଅପରାଧରେ ନୁହେଁ ବରଂ ଧର୍ମ ଓ ଜାତି ଅନୁସାରେ ସ୍ଥିର କରାଯାଉଛି ।ସତ କହିବାକୁ ଗଲେ ଏହି ସ୍ଥିତି ଭାରତବର୍ଷରେ ଦିନା ନା ଦିନେ ସୃଷ୍ଟି ହେବାର ହିଁ ଥିଲା । ଯେତେବେଳେ ମହାତ୍ମା ଗାନ୍ଧୀଙ୍କୁ ସ୍ୱାଧିନ ଭାତତରେ ହତ୍ୟା କରାଯାଇଥିଲା ଓ ହତ୍ୟାକାରୀ ନାଥୁରାମ ଗୋଡ଼ସେକୁ ସମର୍ଥନ କରିବା ପାଇଁ ଏକ ବର୍ଗ ବିଶେଷ ନାଥୁରାମ ସପକ୍ଷରେ ଠିଆ ହୋଇଥିଲେ ସେତେବେଳ ଠାରୁ ଭାରତବର୍ଷରେ ଅପରାଧିଙ୍କୁ ସମର୍ଥନ କରିବାର ମାନସିକତା ବଢ଼ିବାରେ ଲାଗିଛି । ସେଇ ମାନସିକତାର ଲୋକେ ଗାନ୍ଧୀଙ୍କୁ ଅପମାନିତ କରୁଛନ୍ତି ଓ ହତ୍ୟାକାରୀ ଗୋଡ଼ସେର ମହିମା ମଣ୍ଡନ କରୁଛନ୍ତି । କଠୁଆରେ ୮ ବର୍ଷିଆ ଆସିଫାର ବଳାତ୍କାରୀ ଓ ହତ୍ୟାକାରୀ ହୁଅନ୍ତୁ ବା ରାଜସ୍ଥାନର ହତ୍ୟାକାରୀ ଶମ୍ଭୁରା ଗୋର ହେଉ ଅଥବା ଗୁଜୁରାଟର ବିଲକିସ ବାନୋଙ୍କ ଭଳି ଶହଶହ ଉଦାହରଣ ରହିଛି ଯେଉଁ ସବୁ ଉଦାହରଣ ଆମକୁ ଚିନ୍ତା କରିବା ପାଇଁ ବାଧ୍ୟ କରୁଛି ଯେ କ'ଣ ଆମର ଆଦର୍ଶ ହତ୍ୟାକାରୀ, ବଳାତ୍କାରୀ, ଗୁଣ୍ଡା, ମଦ୍ୟପ ଓ ଗ୍ୟାଙ୍ଗଷ୍ଟାର ହିଁ ରହିଯାଇଛନ୍ତି ? କ'ଣ ଭାରତବର୍ଷ ଏବେ ଅସାମାଜିକ ତତ୍ତ୍ୱଙ୍କ ଠାରୁ ପ୍ରେରଣା ନେଇ ବିଶ୍ୱଗୁରୁ ପାର୍ଟି-୨ ହେବାପାଇଁ ପ୍ରସ୍ତୁତ ହେଉଛି ।

*ରାମଚନ୍ଦ୍ରପୁର, ରଣପୁର*
*ମୋ : ୯୪୩୮୪୮୫୦୯୪*




# ଆକାଶ ଦୀପ



ଡ଼ଃ.ଅରୁନ୍ଧତୀ ଦେବୀ

'ଉଚ୍ଚୈ ପ୍ରଦୀପମ୍ ଆକାଶେ ଯୋ ଉଦ୍ୟାତ୍ କାର୍ତ୍ତିକେ ନରଃ,
ସର୍ବେଂ କୁଳଂ ସମୁଦ୍ଧୃତ୍ୟ ବିଷ୍ଣୁଲୋକମ୍ ଅବାପ୍ନୟାତ୍ ।'

ଆର୍ଯ୍ୟାବର୍ତ୍ତ ଭାରତବର୍ଷରେ ଅତି ପ୍ରାଚୀନ କାଳରୁ ବହୁ ଓଷା, ବ୍ରତ, ପର୍ବପର୍ବାଣି ତଥା ବିଧିବିଧାନ ଅନୁସୃତ ହୋଇଆସିଛି । ଏସବୁକୁ ଅବଶ୍ୟ ପାଳନ କରିବା ନିମନ୍ତେ ଧର୍ମଶାସ୍ତ୍ରମାନେ ମାର୍ଗଦର୍ଶନ କରିଛନ୍ତି । ସେଥିମଧ୍ୟରୁ କାର୍ତ୍ତିକମାସରେ ବିବିଧ ଧର୍ମୀୟ ଆଚରଣ ଅନ୍ତର୍ଗତ ଆକାଶଦୀପ ବ୍ୟବସ୍ଥା ଅନ୍ୟତମ । ଆମ ଓଡ଼ିଶାରେ ଆକାଶଦୀପ ପରମ୍ପରା ବହୁଳଭାବେ ଦେଖାଯାଏ । ଚଉରାମୂଳେ ଏକ ବାଉଁଶ ପୋତାଯାଇ ଏହାର ଶୀର୍ଷରେ ଆକାଶ ଦୀପ ଜଳାଇବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ପିତୃ ଓ ଦେବ ଲୋକମାନଙ୍କ ସନ୍ତୋଷ ନିମନ୍ତେ ବେଦରେ ନାନା ପ୍ରକାର ଧର୍ମୀୟ ବିଧିବ୍ୟବସ୍ଥା ରହିଛି । ଆକାଶଦୀପ ପ୍ରଜ୍ୱଳନ ଫଳରେ ପିତୃଲୋକ ଓ ଦେବତାମାନଙ୍କ ପଥ ଆଲୋକିତ ହୋଇଥାଏ । ଏହାଦ୍ୱାରା ଦେବତା ଓ ପିତୃପୁରୁଷଙ୍କ ଠାରୁ କୃପା ତଥା ଆଶୀର୍ବାଦ ମିଳିଥାଏ ବୋଲି ଭାରତୀୟମାନଙ୍କର ବିଶ୍ୱାସ ରହିଛି । ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ରହିଛି ଯେ କାର୍ତ୍ତିକ ମାସରେ ଆକାଶଦୀପ ପ୍ରଜ୍ୱଳନରେ ଦେବତାମାନେ ସନ୍ତୁଷ୍ଟ ହେଲେ ଦେଶ ଶସ୍ୟଶ୍ୟାମଳା ହୁଏ । ଅନାବୃଷ୍ଟି, ଅତିବୃଷ୍ଟି, ବାତ୍ୟା, ବନ୍ୟା, ଭୂକମ୍ପ ଆଦି ପ୍ରାକୃତିକ ବ୍ୟୁତ୍ପାତ ଦୂର ହୋଇଥାଏ । ସେହିପରି ପିତୃଲୋକ ସନ୍ତୁଷ୍ଟ ହେଲେ ଜ୍ଞାନବାନ, ସୁଚରିତ୍ର କୁଳନନ୍ଦନ ଜାତ ହୋଇ କୁଳର ଗୌରବ ଘଟାଇଥାଏ । ଏହାଛଡ଼ା ଗନ୍ଧର୍ବ, ଯକ୍ଷ ଓ ଅପ୍ସରାଗଣ ସନ୍ତୁଷ୍ଟ ହେଲେ ମନୁଷ୍ୟର ରୋଗ ବ୍ୟାଧି ଦୂର ହେବା ସହ ଧନ ଧାନ୍ୟ ଅଭିବୃଦ୍ଧି ତଥା ନାନା ବିଦ୍ୟା ଲାଭ ହୁଏ । କାର୍ତ୍ତିକ ମାସରେ ଅକାଶଦୀପ ବ୍ୟତୀତ ଅନ୍ୟ ୪ ପ୍ରକାର ଦୀପର ପରମ୍ପରା ଶାସ୍ତ୍ରରେ ରହିଛି । ସେଗୁଡ଼ିକ ହେଲା ଦୀପ, ଶିଖରଦୀପ, ମହାଦୀପ ଓ ଅଖଣ୍ଡଦୀପ । ଆକାଶଦୀପ ପ୍ରଜ୍ୱଳନ ଜନିତ ପୁଣ୍ୟଫଳ ସମ୍ପର୍କରେ ପୁରାଣଶାସ୍ତ୍ରରେ ବହୁ ବର୍ଣ୍ଣନା ରହିଛି । 'ସ୍କନ୍ଦ ପୁରାଣ'ରେ କୁହାଯାଇଛି - 'ପିତୃପକ୍ଷେଽନ୍ନ ଦାନେନ ଜ୍ୟେଷ୍ଠ ମାସିଚ ବାରିଣା, କାର୍ତ୍ତିକେ ତତ୍‌ଫଳମ୍ ପୁଂସାଂ ପରଦୀପ ପ୍ରବୋଧନାତ୍ ।' ଅର୍ଥାତ୍ ପିତୃପକ୍ଷରେ କ୍ଷୁଧାର୍ତ୍ତକୁ ଅନ୍ନଦାନ, ଜ୍ୟେଷ୍ଠ ମାସରେ ଜଳସଂକଟ କାଳରେ ତୃଷାର୍ତ୍ତକୁ ଜଳଦାନ କଲେ ଦାତାଙ୍କୁ ଯେଉଁ ଫଳ ମିଳେ ତଦ୍ରୂପ ଫଳମିଳିଥାଏ କାର୍ତ୍ତିକମାସରେ ଆକାଶଦୀପ ପ୍ରଜ୍ୱଳନରେ । ସେହିପରି 'ପଦ୍ମପୁରାଣ'ରେ ରହିଛି - 'ଉଚ୍ଚୈ ପ୍ରଦୀପମ୍ ଆକାଶେ ଯୋ ଉଦ୍ୟାତ୍ କାର୍ତ୍ତିକେ ନରଃ, ସର୍ବେଂ କୁଳଂ ସମୁଦ୍ଧୃତ୍ୟ ବିଷ୍ଣୁଲୋକମ୍ ଅବାପ୍ନୟାତ୍ ।' ପୁଣି ସେହି ପଦ୍ମପୁରାଣରେ କୁହାଯାଇଛି - 'ବିଷ୍ଣୁକେଶନମ୍ ଉଦ୍ଦିସ୍ୟ ଦୀପଂ ଦଦ୍ୟାତ୍ ତୁ କାର୍ତ୍ତିକେ ଆକାଶସ୍ଥଂ ଜଳସ୍ଥଂ ଚ ଶୃଣୁ ତସ୍ୟାପି ଯତ୍ ଫଳମ୍ ।' ଆକାଶଦୀପ ପ୍ରଜ୍ୱଳନ ସମୟରେ ଯେଉଁ ଶ୍ଳୋକ ଉଚ୍ଚାରଣ କରିବାକୁ ହେବ ତାହା 'ହରିଭକ୍ତି ବିଳାସ'ରେ ଉଲ୍ଲେଖ ରହିଛି । ତାହାହେଲା 'ଦାମୋଦରାୟ ନଭସି ତୁଳାୟାଂ ଲୋଳୟା ସହ ପ୍ରଦୀପନ୍ତେ ପ୍ରୟଚ୍ଛାମି ନମୋନନ୍ତାୟ ବେଧସେ ।' ଶାସ୍ତ୍ରାନୁସାରେ ଦୀପ ସୁବର୍ଣ୍ଣ ଧାତବାଦି ଅଥବା ମୃଣ୍ମୟ ପାତ୍ରରେ ନିର୍ମିତ ହୋଇଥିବା ବିଧେୟ । କାର୍ପାସ ବର୍ତ୍ତିକା ଓ ଗବ୍ୟ ଘୃତ ହିଁ ଆକାଶଦୀପର ଉତ୍ତମ ଉପକରଣ । କିନ୍ତୁ କ୍ଷେତ୍ର ବିଶେଷରେ ତିଳତୈଳ ଯୋଗେ ମଧ୍ୟ ଆକାଶଦୀପ ଦାନ କରାଯାଇପାରେ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*

# ଭାରତ ଉପରେ କଣ ରହିବ ଟ୍ରମ୍ପଙ୍କ ବିଜୟର ପ୍ରଭାବ ?



ଡ. ସମନ୍ୱୟ ନନ୍ଦ

ଆମେରିକାର ସାଧାରଣ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ବିଜୟୀ ହୋଇଛନ୍ତି । କମଳା ହାରିସ ପରାଜିତ ହୋଇଯାଇଛନ୍ତି । ଟ୍ରମ୍ପଙ୍କ କମଳା ହାରିସଙ୍କ ଉପରେ ବିଜୟ ଗୋଟିଏ ପ୍ରକାରର ଐତିହାସିକ । ଗତ ନିର୍ବାଚନରେ ପରେ ଆମେରିକାର ସମ୍ପୂର୍ଣ୍ଣ ଲେଫ୍ଟ - ଲିବରାଲ ଇକୋ ସିଷ୍ଟମ ତାଙ୍କୁ ଖଳନାୟକ ଭାବେ ପ୍ରସ୍ତୁତ କରିବା ସହ ତାଙ୍କୁ ଭିକ୍ଟିମାଇଜ କରିଥିଲା । ଏହାକୁ ସାରା ବିଶ୍ୱ ଦେଖିଥିଲା । ଗତ ନିର୍ବାଚନ ପରେ ଟ୍ରମ୍ପଙ୍କୁ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ବାହାର କରି ଦିଆଯାଇଥିଲା । ଟ୍ରମ୍ପଙ୍କ ସମସ୍ତ ବିଜନେସକୁ ସବୁ ବ୍ୟାଙ୍କିଂ ପ୍ଲାଟଫର୍ମରୁ ବ୍ୟାନ କରି ଦିଆଯାଇଥିଲା । ନ୍ୟାୟପାଳିକାକୁ ତାଙ୍କ ବିରୁଦ୍ଧରେ ଲଗାଇ ଦିଆଯାଇଥିଲା । ଅନେକ ପ୍ରକାରର ଆପରାଧିକ ମାମଲା ତାଙ୍କ ବିରୁଦ୍ଧରେ ରୁଜୁ କରି ତାଙ୍କୁ ଶେଷ କରିବାକୁ ଚେଷ୍ଟା କରାଯାଇଥିଲା । କିନ୍ତୁ ଫିନିକ୍ସର କାହାଣୀ ଭଳି ଟ୍ରମ୍ପ ମଧ୍ୟ ପାଉଁଶରୁ ଉଠିଲେ ଓ ନିର୍ବାଚନରେ ବିଜୟ ଲାଭ କଲେ । ବୈଶ୍ୱିକ ଇକୋ ସିଷ୍ଟମ ଯେତେ ଶକ୍ତିଶାଳୀ ହେଉ ନା କାହିଁକି ଅପରାଜେୟ ନୁହେଁ ବୋଲି ଏହା ଦ୍ୱାରା ଟ୍ରମ୍ପ ପ୍ରମାଣିତ କରିଛନ୍ତି । ଟ୍ରମ୍ପଙ୍କ ବିଜୟ ଓ ଆମେରିକାର ରାଷ୍ଟ୍ରପତି ଭାବେ ତାଙ୍କର ନୀତିର ଭାରତ ଉପରେ କଣ ପ୍ରଭାବ ପଡିବାର ସମ୍ଭାବନା ରହିଛି । ସେ ସମ୍ପର୍କରେ ବିଚାର କରିବା । ଭାରତ ଉପରେ ଟ୍ରମ୍ପଙ୍କ ନୀତିର ପ୍ରଭାବକୁ ମୋଟ ଉପରେ ତିନୋଟି ପ୍ରକାରରେ ବିଭାଜିତ କରାଯାଇ ପାରେ । ଗୋଟିଏ ହେଲା ଭାରତର ଅର୍ଥନୀତି ଉପରେ କଣ ପ୍ରଭାବ ପଡିବ । ଦ୍ୱିତୀୟଟି ହେଲା ଭାରତ ଉପରେ ହେଉଥିବା ସଭ୍ୟତା ଓ ସାଂସ୍କୃତିକ ଆକ୍ରମଣ ପ୍ରସଙ୍ଗରେ କଣ ପ୍ରଭାବ ପଡିବ ଓ ତୃତୀୟଟି ହେଲା ଭାରତର ରଣନୈତିକ ଓ ସୁରକ୍ଷା ଦୃଷ୍ଟିକୋଣରୁ କଣ ପ୍ରଭାବ ପଡିବ । ଗୋଟିଏ - ଗୋଟିଏ ଭାବେ ଏହା ଉପରେ ଆଲୋଚନା କରିବା ।

ଭାରତର ଅର୍ଥନୀତି ଉପରେ ଟ୍ରମ୍ପଙ୍କ ନୀତିର ପ୍ରଭାବ ସମ୍ପର୍କରେ ଅନେକ ବିଶେଷଜ୍ଞ ମତ ଦେଉଛନ୍ତି ଯେ ଏହାର ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡିବ । ବିଶେଷଜ୍ଞ ମାନଙ୍କର ଏହି ମତ ସମ୍ପୂର୍ଣ୍ଣ ଭାବରେ ଠିକ । କାରଣ ଟ୍ରମ୍ପ ନିଜ ନିର୍ବାଚନୀ ପ୍ରଚାର ବେଳେ ଆମେରିକାକୁ ଶ୍ରେଷ୍ଠ ଆମେରିକା କରିବାର ସ୍ଲୋଗାନ ଦେଇ ନିର୍ବାଚନ ବିଜୟୀ ହୋଇଛନ୍ତି । ତେଣୁ ସେ ବାଣିଜ୍ୟ କ୍ଷେତ୍ରରେ ନିଜ ଦେଶର କ୍ଷତି କରି ଭାରତ ଓ ଅନ୍ୟ ଦେଶ ମାନଙ୍କୁ କୌଣସି ପ୍ରକାର ରିହାତି ଦେବେ ବା ଆମେରିକୀୟ ନାଗରିକ କିମ୍ବା ଆମେରିକୀୟ ଶିଳ୍ପକୁ କ୍ଷତି ହେବା ଭଳି କୌଣସି କାର୍ଯ୍ୟ ଆଦୌ କରିବେ ନାହିଁ । ସେ ନିଶ୍ଚିତ ଭାବେ ଭାରତ ଭଳି ଦେଶ ସହ ବାଣିଜ୍ୟ କ୍ଷେତ୍ରରେ ହାର୍ଡ ବାର୍ଗେନ କରିବେ । ଯେ କୌଣସି ଦେଶର ନେତା ତା ଦେଶର ସ୍ୱାର୍ଥ ପାଇଁ କାମ କଲେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହା ବାଦ ଟ୍ରମ୍ପ ଆମେରିକୀୟ ଲୋକ ମାନଙ୍କୁ କାମ କିପରି ମିଳିବ ସେ ନେଇ ମଧ୍ୟ କାମ କରିବେ । ଏହାର କ୍ଷତି ମଧ୍ୟ ଭାରତୀୟ ମାନଙ୍କ ଉପରେ ହେବାର ଆଶଙ୍କା ରହିଛି । ଆର୍ଥିକ କ୍ଷେତ୍ରରେ ଟ୍ରମ୍ପଙ୍କ ସହ ଭାରତକୁ କଥାବାର୍ତ୍ତା କଲା ବେଳେ ଏହି ସବୁ ବିଷୟକୁ ଆଖି ଆଗରେ ରଖି ଭାରତକୁ ନିଜ ଦେଶର ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନେବାକୁ ପଡିବ ।

ଏବେ ଦ୍ୱିତୀୟ ପ୍ରସଙ୍ଗକୁ ଆସିବା । ଭାରତ ଉପରେ ହେଉଥିବା ସଭ୍ୟତାଗତ ଓ ସଂସ୍କୃତିଗତ ଆକ୍ରମଣ ଉପରେ ଏହାର କଣ ପ୍ରଭାବ ପଡିବ । ଭାରତ ଓ ହିନ୍ଦୁ ସଭ୍ୟତା ଉପରେ କଟ୍ଟରପନ୍ଥୀ ଇସଲାମିକ ବିଚାରଧାରାର ଜୋରଦାର ଆକ୍ରମଣ ଚାଲିଛି । ପଡୋଶୀ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଛି । ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ ନିର୍ବାଚନର କିଛି ଦିନ ପୂର୍ବରୁ ନିଜର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅମାନବୀୟ ନିର୍ଯ୍ୟାତନାର କଥା ଉଲ୍ଲେଖ କରିଥିଲେ । ବର୍ତ୍ତମାନ ଯାଏ ଅନ୍ୟ କେହି ବୈଶ୍ୱିକ ନେତା ଖୋଲାଖୋଲି ଭାବେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ଉଲ୍ଲେଖ କରିଥିବାର ଉଦାହରଣ ନାହିଁ । ଏପରିକି ଭାରତୀୟ ବଂଶୋଦ୍ଭବ ବୋଲି କୁହାଯାଉଥିବା କମଳା ହାରିସ ମଧ୍ୟ କେବେ ହେଲେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ପଦଟିଏ କହି ନାହାନ୍ତି । ଟ୍ରମ୍ପଙ୍କର ଏପରି ଅନେକ ଭାଷଣ ଅଛି ଯେଉଁଥିରେ ସେ ନିଜକୁ ହିନ୍ଦୁ ମାନଙ୍କର ବନ୍ଧୁ ବୋଲି କହିଛନ୍ତି । ସବୁଠାରୁ ବଡ କଥା ହେଲା ଆତଙ୍କବାଦର କୌଣସି ରିଲିଜିୟନ ନାହିଁ ବୋଲି ସାରା ବିଶ୍ୱର ନେତା ମାନେ କହୁଥିବା ବେଳେ ବୋଧ ହୁଏ ଟ୍ରମ୍ପ ହିଁ ବିଶ୍ୱର ଏକମାତ୍ର ନେତା ଯିଏ ରେଡିକାଲ ଇସଲାମ ବିରୁଦ୍ଧରେ ସାର୍ବଜନୀନ ଭାବେ କହି ସାରିଛନ୍ତି । ଭାରତ ବର୍ତ୍ତମାନ ରେଡିକାଲ ଇସଲାମିଷ୍ଟ ଶକ୍ତି ମାନଙ୍କର ଟାର୍ଗେଟରେ ରହିଛି । ଏହି ରେଡିକାଲ ଇସଲାମିଷ୍ଟ ଶକ୍ତି ମାନଙ୍କ ପଛରେ ବାମପନ୍ଥୀ ଇକୋ ସିଷ୍ଟମ ରହିଛି । ଏହି ଶକ୍ତି ମାନେ ଟ୍ରମ୍ପଙ୍କ ବିରୁଦ୍ଧରେ ମଧ୍ୟ ଲାଗିଥିଲେ । ତେଣୁ ଏହି କ୍ଷେତ୍ରରେ ଉଭୟଙ୍କ ଶତ୍ରୁ ସମାନ । ତେଣୁ ଏ ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଭାରତ ପାଇଁ ନିଶ୍ଚିତ ଭାବେ ସହାୟକ ହେବ । ତେବେ ଏଠାରେ ଆଉ ଏକ କଥା ଉଲ୍ଲେଖ କରାଯିବା ଜରୁରୀ । ପୂରା ବିଶ୍ୱକୁ କନଭର୍ଟ କରି ସମସ୍ତଙ୍କ ଗଳାରେ କ୍ରସ ଝୁଲାଇବାର ପ୍ରୟାସରେ ଲାଗିଥିବା ଚର୍ଚ୍ଚର ଚାପ ନିଶ୍ଚିତ ଭାବେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ରହିବ । ତେଣୁ ଏ ବାବଦରେ ଭାରତକୁ ଅତ୍ୟଧିକ ସତର୍କ ହେବାର ଆବଶ୍ୟକତା ରହିଛି ।

ଏବେ ତୃତୀୟ ଓ ଭାରତର ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହା ହେଉଛି ଭାରତର ନିରାପତା, ସୁରକ୍ଷା ଓ ରଣନୈତିକ ଦୃଷ୍ଟିକୋଣରୁ ଟ୍ରମ୍ପଙ୍କ ନୀତିର କଣ ପ୍ରଭାବ ହେବାର ସମ୍ଭାବନା ରହିଛି । ଟ୍ରମ୍ପଙ୍କ ନୀତିର କଣ ଜିଓ ପଲିଟିକାଲ ପ୍ରଭାବ ହେବ । ବୋଧ ହୁଏ ଏହି କ୍ଷେତ୍ରରେ ଭାରତକୁ ସର୍ବାଧିକ ଲାଭ ହେବାର ସମ୍ଭାବନା ରହିଛି । ଗତ କିଛି ଦିନ ଧରି ପାଶ୍ଚାତ୍ୟ ଦେଶ ମାନେ ବିଶେଷ କରି ଆମେରିକା ତାର କାନାଡା ପରି ସହଯୋଗୀ ଦେଶ ମାନଙ୍କ ଜରିଆରେ ଭାରତ ଉପରେ ଆକ୍ରମଣ କରି ଚାଲିଛି । କାନାଡାର ରାଷ୍ଟ୍ରାଧ୍ୟକ୍ଷ ଜଷ୍ଟିନ ଟ୍ରୁଡୋ ଓ ତାଙ୍କ ସରକାର ଭାରତ ବିରୋଧୀ ଶକ୍ତି ମାନଙ୍କ ହାତର ଖେଳନା ସାଜି ସବୁ କୂଟନୈତିକ ସୌଜନ୍ୟତାର ସୀମାକୁ ଉଲ୍ଲଂଘନ କରି ସାରିଛନ୍ତି । ଆତଙ୍କବାଦୀ ପନ୍ନୁ ଆମେରିକା ଓ କାନାଡାରେ ବସି ପ୍ରତିଦିନ ଭାରତ ବିରୁଦ୍ଧରେ ଭିଡିଓ ଜାରୀ କରୁଛି । ଟ୍ରମ୍ପଙ୍କ ଏହି ବିଜୟ ପରେ ଏହା ଉପରେ ନିଶ୍ଚିତ ଭାବେ ରୋକ ଲାଗିବ । ଆତଙ୍କବାଦୀ ପନ୍ନୁ ଏବେ ଗାତରେ ଯେପରି ସାପ ଲୁଚେ ସେପରି ଲୁଚିବା ଆରମ୍ଭ କରିବ । ଅନ୍ୟ ପଟେ ଚୀନ ଟ୍ରମ୍ପଙ୍କ ଟାର୍ଗେଟରେ ରହିବ । ଟ୍ରମ୍ପ ଖୋଲାଖୋଲି ଭାବେ କହି ସାରିଛନ୍ତି ଯେ ଚୀନକୁ ଯାଇଥିବା ବ୍ୟବସାୟକୁ ସେ ପୁଣି ଥରେ ଆମେରିକାକୁ ଆଣିବେ । ଏହି କ୍ଷେତ୍ରରେ ଟ୍ରମ୍ପଙ୍କୁ ଭାରତର ସହଯୋଗର ଆବଶ୍ୟକତା ପଡିବ । ବିସ୍ତାରବାଦୀ ଚୀନର ପ୍ରଭାବକୁ ବୈଶ୍ୱିକ ସ୍ତରରେ କମ କରିବାକୁ ଯଦି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା କେହି ନେଇ ପାରିବ ତେବେ ସେ ହେଉଛି ଭାରତ । ତେଣୁ ରଣନୈତିକ ଦୃଷ୍ଟିରୁ ଟ୍ରମ୍ପଙ୍କ ନୀତି ଭାରତ ପାଇଁ ଲାଭଦାୟକ ହେବାର ସମ୍ଭାବନା ରହିଛି ।

ଲେଫ୍ଟ ଲିବରାଲ ଇକୋ ସିଷ୍ଟମ, ଆମେରିକାର ଡିପ ଷ୍ଟେଟ ତଥା ବୈଶ୍ୱିକ ଇସଲାମୀ ଶକ୍ତି ମାନେ ଏକଜୁଟ ହୋଇ ମଧ୍ୟ ଟ୍ରମ୍ପଙ୍କୁ ପରାଜିତ କରି ପାରି ନାହାନ୍ତି । ତେଣୁ ବର୍ତ୍ତମାନ କିଛି ସମୟ ବା କିଛି ବର୍ଷ ପାଇଁ ବାମପନ୍ଥ ସାରା ବିଶ୍ୱକୁ ପ୍ରଭାବିତ କରୁ କରୁ ରହି ଯାଇଛି । ଗୋଟିଏ କଥା ମନେ ରଖିବାକୁ ପଡିବ ଯେ ବାମପନ୍ଥ କେବେ ହେଲେ ବିଶ୍ରାମ କରି ନ ଥାଏ । ଏହି ଯୁଦ୍ଧ ସତତ ଜାରୀ ରହିବ । ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ସମାପ୍ତ ନ କରିବା ଯାଏ ବାମପନ୍ଥର ଯୁଦ୍ଧ ସର୍ବଦା ଜାରୀ ରହିବ ।

ତେବେ ଏଠାରେ ପ୍ରଶ୍ନ ଉଠେ ଯେ କମଳା ହାରିସ ଏହି ନିର୍ବାଚନରେ ବିଜୟୀ ହୋଇଥିଲେ କଣ ଭାରତକୁ ଅଧିକ କିଛି ଲାଭ ହୋଇଥାନ୍ତା । ଏହାର ଉତର ହେଲା ଆଦୌ ନୁହେଁ । କାରଣ ଯଦିଓ ଭୋଟ ହାସଲ କରିବା ପାଇଁ ନିଜକୁ ଭାରତୀୟ ବଂଶୋଦ୍ଭବ ବୋଲି କହିବାକୁ ଚେଷ୍ଟା କରିଛନ୍ତି ହେଲେ ଜଣେ ଭାରତୀୟ ଓ ହିନ୍ଦୁ ବଂଶୋଦ୍ଭବ ଭାବେ କମଳା ହାରିସ କେବେ ହେଲେ ଗର୍ବ ଅନୁଭବ କରି ନାହାନ୍ତି । ସେ ଉପରାଷ୍ଟ୍ରପତି ଥିବା ବେଳେ ସର୍ବଦା ଭାରତ ବିରୋଧୀ ଇସଲାମିଷ୍ଟ ଶକ୍ତି ମାନଙ୍କୁ ପ୍ରୋତ୍ସାହନ ଦେଇ ଆସିଥିଲେ । ତେଣୁ ସେ ଯଦି ନିର୍ବାଚନ ଜିତି ଥାନ୍ତେ ତେବେ ଭାରତ ପାଇଁ କମଳା ହାରିସଙ୍କ ସ୍ଥିତି କାନାଡାର ଟ୍ରୁଡୋଙ୍କ ପରି ହୋଇଥାନ୍ତା ।

ଯୋଗାଯୋଗ - samanwaya.nanda@gmail.com

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ । ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ । ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି । ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି । ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି । ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି । ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି । ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି । ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ । ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି । ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ପର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି । ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି । ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି । ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି । ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି । ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି । ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ । ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି । ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ । ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ । ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି । ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି । ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି । ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ । ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି । ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ତ୍ର ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି । ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ । ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷପ୍;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ । ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ । ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି । ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ । ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି । ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି । ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି । ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ । ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି । ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ । ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି । ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି । ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା । ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି । ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ । ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ । ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ । କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି । ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି । ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି । ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ । ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ । ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ । ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ । ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହୋଇଥିଲା । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ । ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା । ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର । ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି । ଚାକିରୀ ବିକିରୀର ପ୍ରତିବାଦ କରିଛି । ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।




# ବାଲେଶ୍ୱରରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଭବ୍ୟ ସ୍ୱାଗତ



ବାଲେଶ୍ୱର (ପିଏନ୍)-୧୯୭୧ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ଅଭୂତପୂର୍ବ ବିଜୟକୁ ସ୍ମରଣୀୟ କରିବା ପାଇଁ ଚଳିତ ବର୍ଷ ସମଗ୍ର ଦେଶରେ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ କରାଯାଉଥିବା ବେଳେ ଏହି ଅବସରରେ ଏକ ବିଜୟ ମଶାଲ ଶୋଭାଯାତ୍ରା ଦେଶର ବିଭିନ୍ନ ରାଜ୍ୟ ପରିଭ୍ରମଣ କରୁଛି । ଗତ ଅକ୍ଟୋବର ୨୦ ତାରିଖରୁ ଏହି ସ୍ୱର୍ଣ୍ଣିମ ବିଜୟ ମଶାଲ ଓଡିଶାର ବିଭିନ୍ନ ଜିଲ୍ଲା ପରିକ୍ରମା ଆରମ୍ଭ କରିଥିବା ବେଳେ ଏହା ପହଂଚିଥିଲା ବାଲେଶ୍ୱରରେ । ଏହା ବାଲେଶ୍ୱର ପହଂଚିବା ପରେ ସ୍ଥାନୀୟ ରିଜର୍ଭ ପୁଲିସ ପରେଡ ପଡିଆଠାରେ ଏହାକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପୁଲିସ ବ୍ୟାଣ୍ଡର ତାଳେ ତାଳେ ବିଜୟ ମଶାଲକୁ ଆନୁଷ୍ଠାନିକ ସ୍ୱାଗତ ସହ ମଂଚ ଉପରକୁ ଅଣାଯାଇଥିଲା । ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କ ପାଖରୁ ଏହାକୁ ଆଣି ମଂଚ ଉପରେ ନିର୍ଦ୍ଧାରିତ ସ୍ଥାନରେ ରଖାଯିବା ପରେ ପୁଲିସ ବାହିନୀ ପକ୍ଷରୁ ବିଜୟ ମଶାଲକୁ ସାଲ୍ୟୁଟ୍ ଏବଂ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ପୂର୍ବାଂଚଳ ଆଇଜି ଶ୍ରୀ ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକଙ୍କ ସମେତ ପ୍ରତିରକ୍ଷା ବିଭାଗ ଅଧିକାରୀ, ପୁଲିସ ବିଭାଗ ଅଧିକାରୀ ଏବଂ ଅନ୍ୟମାନେ ମଂଚ ଉପରେ ଉପସ୍ଥିତ ରହି ବିଜୟ ମଶାଲକୁ ସମ୍ମାନ ପ୍ରଦର୍ଶନ ସହ ପୁଷ୍ପ ଅର୍ପଣ କରିଥିଲେ । ଏହାପରେ ପୁଲିସ ବାହିନୀ ଦ୍ୱାରା ବିଜୟ ମଶାଲକୁ ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ସ୍କୁଲ ଛାତ୍ରଛାତ୍ରୀ, ଏନସିସି, ସ୍କାଉଟ୍, ଏନଏସଏସ କ୍ୟାଡେଟ୍‌ମାନେ ରାସ୍ତା ପାର୍ଶ୍ୱରେ ଉପସ୍ଥିତ ରହି ପୁଷ୍ପବୃଷ୍ଟି ସହ ବିଜୟ ମଶାଲକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଡିଏସପି ଶ୍ରୀ ମାନସ ଦେଓ, ସର୍ଜେଂଟ ଶ୍ରୀ ରାଜୀବ ମାର୍ଣ୍ଡିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହା ପରେ ପରେ ସ୍ୱର୍ଣ୍ଣିମ ବିଜୟ ମଶାଲ ଯାତ୍ରା କରିଥିଲା ଚାନ୍ଦିପୁର ସ୍ଥିତ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ସଂସ୍ଥା) କ୍ୟାମ୍ପସକୁ । ଅପରାହ୍ନ ୨ଘଟିକାରେ ସେଠାରେ ବିଜୟ ମଶାଲ ପହଂଚିବା ପରେ ଡିଆରଡିଓ ଏବଂ ପ୍ରତିରକ୍ଷା ବିଭାଗର ବାଲେଶ୍ୱର ଷ୍ଟେସନ ହେଡକ୍ୱାର୍ଟରର ଦ୍ୱାରା ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ପ୍ରତିରକ୍ଷା ବିଭାଗ ବ୍ୟାଣ୍ଡ ଟ୍ରୁପ୍ ଦ୍ୱାରା ଉଚ୍ଚକୋଟୀର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଡିଆରଡିଓ ପ୍ରେକ୍ଷାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧ ଉପରେ ପ୍ରସ୍ତୁତ ଏକ କ୍ଷୁଦ୍ର ପ୍ରାମାଣିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ସମେତ କାରଗିଲର "ଅପରେସନ ବିଜୟ", ଜାମ୍ମୁ କାଶ୍ମୀରର ଆତଙ୍କବାଦ ବିରୋଧୀ "ଅପରେସନ ରକ୍ଷକ", ଗତବର୍ଷ ଗଲଓ୍ୱାନ ଉପତ୍ୟକାରେ ହୋଇଥିବା ସଂଘର୍ଷ ଓ ସେନା ଅପରେସନରେ ଭାଗ ନେଇଥିବା ଏବଂ ଶହୀଦ ହୋଇଥିବା ବୀର ଯବାନ, ବୀର ନାରୀ (ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କ ପତ୍ନୀ)ଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଉତର ଓଡିଶାର ୪ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝରର ୩୦ଜଣ ବୀର ଯବାନ ଏବଂ ବୀର ନାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧରେ ଭାଗ ନେଇଥିବା ମେଜର ଜେନେରାଲ ଆର.କେ.ସାହୁ, ଚାନ୍ଦିପୁର ଆଇଟିଆର ନିର୍ଦ୍ଦେଶକ ଶ୍ରୀ ଏଚ.କେ.ରଥ, ଚାନ୍ଦିପୁର ପି.ଏକ୍ସ.ଇ. ନିର୍ଦ୍ଦେଶକ ଶ୍ରୀ ଡି.କେ.ଯୋଶୀ, ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଷ୍ଟେସନ ହେଡକ୍ୱାର୍ଟର ଏଡିଏମ, କମାଣ୍ଡାଂଟ୍ କର୍ଣ୍ଣେଲ ସତୀଶ କୁମାର, ପି.ଏକ୍ସ.ଇ ଅତିରିକ୍ତ ନିର୍ଦ୍ଦେଶକ(ଏମ.ଏ.) କର୍ଣ୍ଣେଲ ସୁମନ କୁମାର ଦତ ପ୍ରମୁଖ ମଂଚାସୀନ ଥିବା ବେଳେ ଲେଫ୍‌ଟନାଂଟ କର୍ଣ୍ଣେଲ ଆର. ନାଗର, ଲେଫ୍‌ଟନାଂଟ କର୍ଣ୍ଣେଲ ଏସ. ରୋହିଲା, ଲେଫ୍‌ଟନାଂଟ କର୍ଣ୍ଣେଲ ଆର.କେ.ବଳ, ଲେଫ୍‌ଟନାଂଟ କର୍ଣ୍ଣେଲ ଇମ୍ରାନ ଖାନ, ଲେଫ୍‌ଟନାଂଟ କର୍ଣ୍ଣେଲ ବିନୟ ଗମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି ଉପସ୍ଥାପନ ପାଇଁ ଦିଲ୍ଲୀରେ ହେବ ସତ୍ୟାଗ୍ରହ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ଦାବି ଉପସ୍ଥାପନ ପାଇଁ ଦିଲ୍ଲୀରେ ସତ୍ୟାଗ୍ରହ ହେବାକୁ ସ୍ଥିର କରାଯାଇଛି । ସେହି ସତ୍ୟାଗ୍ରହରେ ଯୋଗଦେଇ ଓଡିଶାର ଦାବିକୁ ଦିଲ୍ଲୀ ଦରବାରରେ ଉପସ୍ଥାପନ କରିବା ପାଇଁ ଓଡିଶାର ପ୍ରତ୍ୟେକ ଜିଲ୍ଲାରୁ ଗୋଟିଏ ଗୋଟିଏ ଟିମ ଦିଲ୍ଲୀ ଯିବାର ବ୍ୟବସ୍ଥା କରାଯାଇଛି । ଏହି ସତ୍ୟାଗ୍ରହ ଦିଲ୍ଲୀର ଜନ୍ତରମନ୍ତର ଠାରେ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବ ଓ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲୁରହିବ । ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି ସହିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ଦାବିରେ ଏହି ସତ୍ୟାଗ୍ରହ ଓ ଧାରଣା ଅନୁଷ୍ଠିତ ହେବ । ସେହି ସତ୍ୟାଗ୍ରହରେ ଯୋଗଦେବାକୁ କେନ୍ଦ୍ରାପଡା ଜିଲ୍ଲାରୁ ଆସନ୍ତା ଡିସେମ୍ବରମାସ ପହିଲାରେ ଏକ ୮ଜଣିଆ ଟିମ ଯୁବ ସମାଜସେବୀ ମହେଶ ପାଢୀଙ୍କ ନେତୃତ୍ୱରେ ଦିଲ୍ଲୀ ଯିବାକୁ ସ୍ଥିର କରାଯାଇଛି । ସେହି ଟିମ ଦିଲ୍ଲୀରେ ପହଞ୍ଚି ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି ନେଇ ଜନ୍ତରମନ୍ତର ଠାରେ ହେବାକୁ ଥିବା ସତ୍ୟାଗ୍ରହରେ ଯୋଗଦେବେ ବୋଲି ଶ୍ରୀ ପାଢୀ ସୂଚନା ଦେଇଛନ୍ତି ।

## ବାଣ ବିସ୍ଫୋରଣରେ ମୃତ କୃଷ୍ଣଙ୍କ ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ

କେନ୍ଦ୍ରାପଡ଼ା (ପିଏନ୍) : ଦୀପାବଳିରେ ବାଣ ଭିଡୁଥିବା ବେଳେ ବାଣ ବିସ୍ଫୋରଣରେ ମୃତ୍ୟୁ ହୋଇଥିବା କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତର ଜୁଇଦାସପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ପୂର୍ବତନ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ । ଏଥିସହିତ ସେହି ବାଣ ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବ ଇଞ୍ଜିନିଅର ଚିନ୍ମୟ ବରାଳଙ୍କ ପରିବାରକୁ ମଧ୍ୟ ଭେଟି ସେ ସମବେଦନା ଜଣାଇଥିଲେ । ଚିନ୍ମୟଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ପୂର୍ବତନ ବିଧାୟକ ଶ୍ରୀ ତରାଇ କଟକ ବଡ ଡାକ୍ତଖାନାର ପ୍ରଶାସନିକ ଅଧିକାରୀ ଓ ସର୍ଜରୀ ବିଭାଗ ମୁଖ୍ୟଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି । ପୂର୍ବତନ ବିଧାୟକ ଶ୍ରୀ ତରାଇଙ୍କ ସହ ରଘୁନାଥ ଜେନା, ଜୀତେନ୍ଦ୍ର କୁମାର ସାହୁ, ହିମାଂଶୁ ସାହୁ, ନିରଞ୍ଜନ ସାହୁ, ଦେବାଶିଷ ଦାସ, ଦୀପକ କୁମାର ବେହେରା, ରାମଚନ୍ଦ୍ର ବାରିକ, ସୁଧିର ରଞ୍ଜନ ଦାସ, ବିମାନ କୁମାର ପରିଡା, ଜମଧର ପଞ୍ଚାୟତର ସମିତି ସଭ୍ୟା କାମିନି ବରାଳ, ରଘୁନାଥ ନାଥ, ସୌମ୍ୟରଞ୍ଜନ ସିଂ(ଲିପୁନ), ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ : ଏକ ସ୍ମୃତିଚାରଣ

ଏକଦା ପ୍ରାଚୀନ କଳିଙ୍ଗ ଦେଶ ସମଗ୍ର ବିଶ୍ୱରେ ନୌବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା । ଏଇ ମାଟିର ସାଧବ ପୁଅମାନେ ସମୁଦ୍ର ସେପାରି ଦେଶମାନଙ୍କରୁ ଧନ ସଂପଦ ବୋହିଆଣି, ଏ ଦେଶକୁ ସମୃଦ୍ଧ କରୁଥିଲେ । ଏ ଦେଶର ସୌଖୀନ ପଦାର୍ଥ ବଳକା ସଂପଦ ନେଇ ସେ ଦେଶମାନଙ୍କରେ ତାହାକୁ ବିକ୍ରୟ କରି ଲାଭବାନ୍ ହେଉଥିଲେ । ଚୀନ ପରିବ୍ରାଜକ ହୁଏନସାଂ (୬୩୯ ଖ୍ରୀଷ୍ଟାବ୍ଦ)ଙ୍କ କଙ୍ଗୋଦ ବିବରଣୀରୁ ଜଣାଯାଏ ଯେ ସାଧବ ପୁଅମାନେ ବୋଇତ ନୌଭେଳାରେ ସୁଦୂର ସୁବର୍ଣ୍ଣଭୂମି (ବ୍ରହ୍ମଦେଶ), ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣ (ସିଂହଳ), ଯବଦୀପ (ଜାଭା), କମ୍ବୋଜ (କାମ୍ବୋଡ଼ିଆ), ବୋର୍ଣ୍ଣିଓ (ବରୁଣ), ସ୍ୱର୍ଣ୍ଣଦୀପ (ସୁମାତ୍ରା) ଓ ବଳୀଦୀପ (ବାଲି) ଇତ୍ୟାଦିକୁ ଯାତ୍ରା କରୁଥିଲେ । ସେତେବେଳେ କଳିଙ୍ଗର ସାଧବପୁଅମାନେ ଖୁବ୍ ଦୁଃସାହସୀ ଥିଲେ ଏବଂ ନୌଚାଳନାରେ ଦକ୍ଷ ଥିଲେ । ଏମିତିକି ସମୁଦ୍ର ବକ୍ଷରେ ସେମାନେ ଆଫ୍ରିକା, ରୋମ, ଏବଂ ଚୀନ ଇତ୍ୟାଦି ଅଞ୍ଚଳକୁ ଖେଦି ଯାଇଥିଲେ । ଏହି ସାମୁଦ୍ରିକ ବାଣିଜ୍ୟର ଉଦ୍ଦେଶ୍ୟ ଦୁଇଟି ଥିଲା । ପ୍ରଥମତଃ ବ୍ୟବସାୟ ବା ବାଣିଜ୍ୟ କରିବା ଏବଂ ଦ୍ୱିତୀୟଟି ଉପନିବେଶ ସ୍ଥାପନ କରିବା । ଅଦ୍ୟାବଧି ମଧ୍ୟ ଭାରତୀୟ ବଂଶୋଦ୍ଭବମାନେ ଏହି ସ୍ଥାନମାନଙ୍କରେ ଦେଖାଯାଆନ୍ତି ଏବଂ ଏହି ସ୍ଥାନମାନଙ୍କରେ ଭାରତୀୟ ଅଥବା ଉତ୍କଳୀୟ ସଂସ୍କୃତିର ଛାପ ସ୍ୱରୂପ ମନ୍ଦିର, ସ୍ତୁପ ଓ କୀର୍ତ୍ତିରାଜି ମୂକସାକ୍ଷୀରୂପେ ପଥର ଗର୍ଭରେ ଛିଡ଼ା ହୋଇଛନ୍ତି । କେବଳ ସେ ଯୁଗର ବାଣିଜ୍ୟ ନାହିଁ କି ସେ ଦେଶଗୁଡ଼ିକର ନାଁ ମଧ୍ୟ ତାହା ନାହିଁ, ଯେମିତି ଇଣ୍ଡୋନେସିଆ କହିଲେ ସେ କାଳର ଜାଭା, ବୋର୍ଣ୍ଣିଓ, ବାଲି ଏବଂ ମାଳୟ ଇତ୍ୟାଦି ଦୀପମାନଙ୍କୁ ବୁଝାଏ । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପ୍ରକୃତରେ କେବେଠୁ ଆରମ୍ଭ ହୋଇଥିଲା ତା'ର ସଠିକ୍ ହିସାବ ଦେଇ ନପାରିଲେ ବି ଏହା ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀ ପୂର୍ବରୁ ବୋଲି ଧରାଯିବ । କାରଣ ଅଶୋକ ଖ୍ରୀ.ପୂ. ୨୬୧ରେ କଳିଙ୍ଗ ଆକ୍ରମଣ କରିଥିଲେ ଏବଂ ସେତେବେଳେ କଳିଙ୍ଗ ନୌବାଣିଜ୍ୟରେ ପ୍ରଶସ୍ତି ଲାଭ କରିଥିଲା । କଙ୍ଗୋଦ ରାଜ୍ୟକୁ ନେଇ ହୁଏନସାଂଙ୍କ ବିବରଣୀ, ଶୈଳୋଦ୍ଭବୀ ଶାସକ ମାଧବ ବର୍ମାଙ୍କ ଗଞ୍ଜାମ ତାମ୍ରଲିପି, ଟଲେମିଙ୍କ ୨ୟ ଶତାବ୍ଦୀର ଭୂଚିତ୍ର, ରସକଲ୍ଲୋଳରେ ଦୀନକୃଷ୍ଣ, ଶାରଳା ଦାସଙ୍କ ସଭାପର୍ବ, ଦାଣ୍ଡିରାମାୟଣ, ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ଯାଏଁ ନେଇ ବିଚାର ବିମର୍ଷ କଲେ ଜଣାଯାଏ ଯେ ଏହା ବହୁପୁରାତନ ଏବଂ ସାମୁଦ୍ରିକ ବାଣିଜ୍ୟର ବନ୍ଦର ସୀମାରେଖା, କରମଣ୍ଡଳ ଉପକୂଳ ବା ପୂର୍ବ ଭାଗରେ (ଗଙ୍ଗାଠାରୁ ଗୋଦାବରୀ) ଯାଏଁ ବିସ୍ତୃତ ଥିଲା ଯେତେବେଳେ ଚିଲିକାର ଉତ୍ପତ୍ତି ନଥିଲା । ଅବଶ୍ୟ ପରବର୍ତ୍ତୀ ସମୟରେ ଏକ ପ୍ରାକୃତିକ ବିପର୍ଯ୍ୟୟରୁ ଚିଲିକାର ସୃଷ୍ଟିହେଲା ଏବଂ ଚିଲିକାର ବକ୍ଷରେ ବାଣିଜ୍ୟତରୀମାନେ ମଗର ମୁହାଣ ଦେଇ ସମୁଦ୍ରକୁ ନିଷ୍କ୍ରାନ୍ତ ହେଲେ ।

ଏହି ଉପକୂଳରେ ମୁଖ୍ୟ ବନ୍ଦରମାନେ ହେଲେ : ମୌସଲିଆ (ମୁସଲିପଟମ୍), କୋନାଗର (କୋଣାର୍କନଗର), କଳିଙ୍ଗପଟ୍ଟନମ୍, ପାଲୁର ବା ଦନ୍ତପୁର , ଚେଇତାଳ (ଚିଲିକା), ବଡ଼କୂଳ, ପୁରୀ, ପିପିଲି, ହିଜିଳି, ଧାମଣା, ଆଧୁନିକ ଗୋପାଳପୁର, ଏବଂ ଅନ୍ୟମାନଙ୍କ ମଧ୍ୟରେ ରଙ୍ଗଣୀ, ବାଲେଶ୍ୱର, ତାମ୍ରଲିପି, ଛତ୍ରସ୍ୱା, ଲଛମନପୁର, କୁରାସନ୍, ମାଛଗାଁ, ତଥା ବାଣିଜ୍ୟ ପେଣ୍ଠ ଭାବରେ ବୈଦେଶ୍ୱର, କଂଟିଲୋ, ପଦ୍ମାବତୀ, କଟକ, ସମ୍ବଲପୁର, ଯାଜପୁର ଏବଂ ସୋନପୁର ଇତ୍ୟାଦି ଯେଉଁଠୁ ନଦୀ ସାହାଯ୍ୟରେ ଦ୍ରବ୍ୟମାନ ବନ୍ଦରକୁ ଯାତାୟତ କରୁଥିଲା ।

ମୁଖ୍ୟ ରପ୍ତାନୀ ଦ୍ରବ୍ୟମାନଙ୍କ ମଧ୍ୟରେ ଥିଲା ସୌଖୀନ ବସ୍ତ୍ର, ପାଟ, ମଠା, ହାତୀଦାନ୍ତ, ଶିଙ୍ଗ, ଚାନ୍ଦୁଆ, ସୌଖୀନ ବଟୁଆ, ସରୁ ଚାଉଳ ଓ ଅନ୍ୟାନ୍ୟ ବଳକା ଖାଦ୍ୟ ସାମଗ୍ରୀ ତଥା କାଠୋପକରଣ ଇତ୍ୟାଦି । ଆମଦାନୀରେ ଥିଲା : ପୋହଳା, ମଣି, ମାଣିକ୍ୟ, ମୁକ୍ତା, ହୀରା, ନୀଳା, ଅଙ୍ଗ, ଯବ, ଶଙ୍ଖ, କୁଶ, ଜରାପୁଂଜି ଏବଂ ଏମିତି ଅନେକ କିଛି ଯାହାକି ଏ ଦେଶକୁ ଆର୍ଥିକ ସମୃଦ୍ଧିରେ ସାହାଯ୍ୟ କରୁଥିଲା ।

ଉତ୍କଳ/ଭାରତ ଯେଉଁ ଦେଶଗୁଡ଼ିକ ସହିତ ବଣିଜ କରୁଥିଲା, ସେଗୁଡ଼ିକ ପ୍ରାଚୀନ କଳିଙ୍ଗ ତଥା ଏବେକାର ଓଡ଼ିଶାର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ । ସେତେବେଳେ ବୋଇତଗୁଡ଼ିକର ଗତି ଓ ବେଗ ପବନ ଉପରେ ହିଁ ନିର୍ଭର କରୁଥିଲା । ସେହିପରି କୋଉ ଦେଶକୁ ଯିବା ବା ଫେରିବା ନିୟନ୍ତ୍ରିତ ହେଉଥିଲା । ପବନର ଗତି ସୂର୍ଯ୍ୟଙ୍କର ସ୍ଥିତି ବା ପୃଥିବୀର ଗତି ଦ୍ୱାରା ପରିଚାଳିତ । ସୂର୍ଯ୍ୟଙ୍କର ସ୍ଥିତି ବା ଅବାସ୍ତବ ଗତି ଅନୁସାରେ ଆ, କା, ମା, ବୈ (ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ) ଅୟନକାଳ ଭିନ୍ନ । କାର୍ତ୍ତିକ ମାସରେ ଏହି କାରଣରୁ ଉତ୍ତର ପୂର୍ବରୁ ପବନ ବୋହିବା ଫଳରେ ଦକ୍ଷିଣ ପଶ୍ଚିମକୁ ବୋଇତ ମେଲିବା ଉତ୍ତମ ଅଟେ । ପ୍ରକୃତରେ ବୋଇତ ପ୍ରସ୍ତୁତି ତଥା ତା' ପ୍ରତି ପୂଜା ଓ ଦୀପଦାନ ଇତ୍ୟାଦି ଦୀପାବଳୀ ପରଦିନଠୁ ଚାଲିଥାଏ । ଯେହେତୁ କାର୍ତ୍ତିକ ଏକ ଧର୍ମମାସ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଏକ ଶ୍ରେଷ୍ଠ ଶୁଭଦିନ, ସେହିଦିନ ବୋଇତ ବନ୍ଦାପନା, ପୂର୍ବକ ଶୁଭମନାସୀ ମେଲିଦିଆଯାଏ । ସେତିକିବେଳେ କଳିଙ୍ଗ ଦେଶର ପାନ ଓ ଜାଭାଦୀପର ଗୁଆ ପ୍ରଥମେ ଗଙ୍ଗାମାତାଙ୍କୁ ଉତ୍ସର୍ଗ କରାଯାଇ ପ୍ରାର୍ଥନା କରାଯାଏ : ଆ,କା,ମା, ଭୈଃ ଅର୍ଥାତ୍ ମା' ଗଙ୍ଗାମାତା, କାର୍ତ୍ତିକ ଠାରୁ ଫେରନ୍ତା ଆଷାଢ଼ଯାଏଁ ମାଘ, ଓ ବୈଶାଖ ଧରି ସାଧବପୁଅମାନଙ୍କୁ ବରାଭୟ ପ୍ରଦାନ କରି ଘଣ୍ଟା ଘୋଡ଼ାଇ ରଖ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହିଲେ ସେ ଦେଶଗୁଡ଼ିକରୁ ବୋଇତ କଳିଙ୍ଗ ଫେରେ ଏବଂ କେମିତି ହେଲେ ଭାଦ୍ରବ ଶେଷ ରବିବାର ସୁଦ୍ଧା ଫେରିବାକୁ ହୁଏ । ଏହାକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକାଳ (ଜୁନ୍‌ଠାରୁ ସେପ୍ଟେମ୍ବର) କୁହାଯାଏ । ସାଧବପୁଅମାନଙ୍କର ଏହି ଫେରିବାକାଳ ଓ ବୋଇତ ବନ୍ଦାଣର ସାଂକେତିକ ସ୍ମୃତି ସହିତ ଜଡ଼ିତ ଆମର ଭାଦ୍ରବ ମାସର ପାଳିତ ହେଉଥିବା ତଅପୋଇ ଓଷା ।




ଅନୁଧ୍ୟାନରୁ ଜଣାଯାଏ ଯେ ପ୍ରାଚୀନ ଓଡ଼ିଶାର ଏ ନୌବାଣିଜ୍ୟ ଉତ୍‌ଥାନରୁ କ୍ରମଶଃ ଖସିଖସି ଶୋଡଷ ଶତାବ୍ଦୀବେଳକୁ ଏହା ଠପ୍ ହୋଇଗଲା । ଏ ପତନର ବିଭିନ୍ନ କାରଣକ ନେଇ ବିଚାରକଲେ ଜଣାଯାଏ ଯେ ପ୍ରକୃତରେ ପ୍ରତିକୂଳ ସ୍ଥିତି, ରାଜକୀୟ ଇଚ୍ଛାଶକ୍ତି ଓ ପୃଷ୍ଠପୋଷକତାର ଅଭାବ, ଜଳଦସ୍ୟୁମାନଙ୍କ ଲୁଣ୍ଠନ, ପର୍ତ୍ତୁଗୀଜ, କୋମ୍ପାଡ଼ିଆଙ୍କ ଆକ୍ରମଣ, ବିଦେଶୀ ବାଣିଜ୍ୟର ପ୍ରଭାବ, ସାମୁଦ୍ରିକ ଝଡ଼ର ଅହଂକାର ଏବଂ ପରିଶେଷରେ ମରହଟ୍ଟା, ମୁସଲମାନ ଓ ଇଂରେଜମାନଙ୍କ ଏ ଦେଶରେ ପ୍ରଭାବ ଓ ବାଣିଜ୍ୟ ବିସ୍ତାର । ତେବେ ଏକଥାତ ନିଶ୍ଚେ ମନେଥିବ: ***"ବହିତ୍ର ଲାଗିଲା ଯାଇ ସିଂହଳ ଦୀପରେ/ସାଧବ ଯୁବତୀଗଣ ଅତି ପ୍ରମୋଦରେ.... ।। ... କରିଛି ସେ ସିଂହଳରୁ ମୁକ୍ତା ଆନୟନ ।।"*** ଗତସ୍ୟ ଶୋଚନା ନାସ୍ତି । ତଥାପି କାର୍ତ୍ତିକ ପୂର୍ଣ୍ଣିମାର ପ୍ରାତଃ ଶୁଭ ଅବସରରେ କଦଳୀ ପଟୁକାରେ ପାନ, ଗୁଆ, ମୁଗ, ବିରି, ଇତ୍ୟାଦି ଥୋଇ ଦୀପଜାଳି ଧର୍ମ ଡଙ୍ଗା ଛାଡ଼ି ସ୍ମୃତି ଚାରଣ କରୁଛୁ : ***ଆ, କା, ମା, ଭୈଃ/ବୈ, ଗୁଆ ପାନ ଥୋଇ/ଗୁଆପାନ ଯାକ ତୋର; ମାସକ ଧର୍ମ ମୋର ।।*** ଶେଷ ପଦଟି ନିର୍ଦ୍ଦିଷ୍ଟ ଭାବରେ ବହିଷ୍ୟାଳିଙ୍କୁ ବୁଝାଇଲେବି, ମୁଖ୍ୟତଃ ସଂପୂର୍ଣ୍ଣ ଅର୍ଥଟି ନୌ ବାଣିଜ୍ୟର ସ୍ମୃତି ଚାରଣ । କଟକର ବାଲିଯାତ୍ରା ବୋଇତ ବନ୍ଦାଣ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ । କାରଣ ବୋଇତ ଯାତ୍ରା କେବଳ ବାଲିଦୀପକୁ ହେଉନଥିଲା କି କେବଳ କଟକରୁ ନଥିଲା । ଏହା ସମଗ୍ର କଳିଙ୍ଗ ବନ୍ଦରମାନଙ୍କରୁ ହେଉଥିଲା । ପୁନଶ୍ଚ ଏହା ବାଲିଦୀପ ନୁହେଁ, ବାଳୀଦୀପ । ତେବେ ଚୈତନ୍ୟଙ୍କ (୧୫୧୦-୧୫୩୩) ଆଗମନକୁ ନେଇ ଗଡ଼ଗଡ଼ିଆ ଘାଟରେ ବାଲିରେ ଯେଉଁ ମହାସଂକୀର୍ତ୍ତନ ହୋଇଥିଲା ଏବଂ ତାଙ୍କୁ ସାକ୍ଷୀ ଗୋପିନାଥଙ୍କ ଦର୍ଶନାର୍ଥେ ଯେଉଁ ସ୍ୱାଗତ କରାଯାଇଥିଲା, ଏହାଥିଲା ଏକ ଯାତ୍ରା । ହୋଇପାରେ ଏହା ସେଦିନ ଥିଲା କାର୍ତ୍ତିକ ପୂର୍ଣ୍ଣିମା । ଏ ଦୃଷ୍ଟିରୁ କଟକର ବାଲିଯାତ୍ରା ଚୈତନ୍ୟଙ୍କର ସ୍ମୃତି ଚାରଣ ପାଇଁ ଅଧିକ ସମୀଚୀନ ହୋଇପାରେ; କିନ୍ତୁ ନୌବାଣିଜ୍ୟ କାରଣରୁ ନୁହେଁ । ସ୍ମୃତି ଦୁଃଖଦ ଅଥଚ କେତେ ମଧୁର !

# ଓଡ଼ିଶାର ମଞ୍ଚ ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମଞ୍ଚନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ । ଓଡ଼ିଶାର ମଞ୍ଚନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ । ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ । ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ । ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ । ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀର୍ତ୍ତି । ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# 'କାଗଜ ଗୁଡି'ର ଶୁଭମହୁରତ୍

ଭୁବନଶ୍ୱେର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର 'ମନ ମୋର କାଗଜଗୁଡି'ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର
ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ) । ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଉର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଢିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି 'ବେଷ୍ଟ ଆଇଡିଆଜ୍'। 'ମନ ମୋର କାଗଜ ଗୁଡି' ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ
ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ 'ମନ ମୋର କାଗଜ ଗୁଡି'ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ 'ମନମୋର କାଗଜଗୁଡି' ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଏସଆଇସି ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଏସଆଇସି ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଉଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।
ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।
ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜଗ୍ନେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ଖେଳ

# ପର୍ଯ୍ୟବେକ୍ଷକ

Bhubaneswar Tuesday November 12 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୧୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ୨୦୨୪ ପାଇଁ ସମ୍ମାନଜନକ ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆ ସ୍ୱର୍ଣ୍ଣ ପଦକ ପ୍ରବୀଣା ଭାରତନାଟ୍ୟମ ନୃତ୍ୟଶିଳ୍ପୀ କମଳିନୀ ମୁଖାର୍ଜୀଙ୍କୁ ପ୍ରଦାନ

ନୂଆଦିଲ୍ଲୀ ,(ପି.ଏନ):ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଫରେନ ଟ୍ରେଡ୍ IIFT ର ୫୭ ତମ ସମାବର୍ତ୍ତନ ସମାରୋହରେ ଏହାର ଅତି ମହତ୍ତ୍ୱପୂର୍ଣ୍ଣ ସମ୍ମାନଜନକ ପୁରସ୍କାର ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆ ସ୍ୱର୍ଣ୍ଣ ପଦକ ଶ୍ରୀମତୀ କମଳିନୀ ମୁଖାର୍ଜୀଙ୍କୁ ପ୍ରଦାନ କରାଯାଇଛି ; ଯିଏ ଜଣେ ବିଶିଷ୍ଟ ତାଲିମପ୍ରାପ୍ତ ଉଚ୍ଚକୋଟୀର ଭାରତନାଟ୍ୟମ ନୃତ୍ୟଶିଳ୍ପୀ , ଏବଂ ୟୁ ଜି ସି ( ଟଏଉ)ଦ୍ୱାରା ଜୁନିଅର ରିସର୍ଚ୍ଚ ଫେଲେସିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ମାନ୍ୟବର ଶ୍ରୀ ପୀୟୂଷ ଗୋୟଲ ଭିଡିଓ କନଫରେନସ୍ ଯୋଗେ ଏହି ସମାରୋହରେ ଉଦବୋଧନ ଦେଇଥିବାବେଳେ ଓଉଞ୍ଚ ର କୁଳାଧିପତି ତଥା ବାଣିଜ୍ୟ ମନ୍ତ୍ରାଳୟର ସଚିବ ସୁନୀଲ ବର୍ଥୱାଲ ଏହି କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ଗୁଜୁରାଟର ଅମୁଲ କ୍ଷୀର ମାର୍କେଟିଂର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଜଏନ୍ ମେହତା । ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆ କଟକ : ଓଡ଼ିଶାର ଏକ



ସଙ୍ଗୀତଜ୍ଞ ପରିବାରରେ ଜନ୍ମଗ୍ରହଣ କରିଥିଲେ । ୧୯୯୦ ମସିହାରେ ସେ ବନାରସ ବିଶ୍ୱ ହିନ୍ଦୁ ବିଦ୍ୟାଳୟର ସଂଗୀତ ବିଭାଗରେ ମାଷ୍ଟର ଅଫ୍ ମ୍ୟୁଜିକ୍ ଓ ଡକ୍ଟରେ ଅଫ୍ ମ୍ୟୁଜିକ୍ ଉପାଧି ହାସଲ କରିଥିଲେ । ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଦ୍ମଭୂଷଣ ଡ଼ଃ ଏମ୍ ରାଜମ୍ ଜୀ ତତ୍ତ୍ୱାବଧାନରେ ସେ ଡକ୍ଟରେଟ୍ ପ୍ରାପ୍ତ ହୋଇଥିଲେ। ତାଙ୍କର ପ୍ରାରମ୍ଭିକ ଗୁରୁ ଥିଲେ ଶ୍ରୀ ପ୍ରଫୁଲ ରାୟ। ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆ ଶାସ୍ତ୍ରୀୟ ସଙ୍ଗୀତ ଓ ଭାଓଲିନ୍ ବାଦନରେ ଜଣେ ପ୍ରସିଦ୍ଧ ଏକକ କଳାକାର ଥିଲେ । ସେ କେବଳ ଜଣେ ଶ୍ରେଷ୍ଠ ଭାଓଲିନ୍ ବାଦିକା ନଥିଲେ ପରନ୍ତୁ ଜଣେ ଛାତ୍ରବତ୍ସଳ ଗୁରୁ, ବିଚକ୍ଷଣ ପ୍ରତିଭାଧାରୀ ଶିକ୍ଷକ, ସର୍ବୋତ୍ତମ ଗବେଷକ ପ୍ରଶିକ୍ଷକ ଥିଲେ। ଦେଶ ବିଦେଶରେ ତାଙ୍କ ସଙ୍ଗୀତ କନସର୍ଟଗୁଡିକ ବିଖ୍ୟାତ ସଂଗୀତଜ୍ଞଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଅଧିକାଂଶ ପ୍ରମୁଖ ସଙ୍ଗୀତ କନସର୍ଟରେ ତାଙ୍କର ଏକକ ବାଦ୍ୟଯନ୍ତ୍ର ପରିବେଷଣ ମଧ୍ୟରେ ସଂକଟମୋଚନ ସଙ୍ଗୀତ ମହୋତ୍ସବ, ଆଇଟିସି ମ୍ୟୁଜିକ ଫେଷ୍ଟିଭାଲ୍ ,ସଲ୍ଟ ଲେକ୍ ମ୍ୟୁଜିକ ଫେଷ୍ଟିଭାଲ୍ , କୋଣାର୍କ ନୃତ୍ୟ , ରାଜରାଣୀ ସଙ୍ଗୀତ ମହୋତ୍ସବ, ପ୍ରୟାଗ ସଙ୍ଗୀତ ସମିତି ସଙ୍ଗୀତ କାର୍ଯ୍ୟକ୍ରମ, ସ୍ୱର ସୁଧା ସମିତି ଏବଂ ସଙ୍ଗୀତ ସଂକଳ୍ପ ସଙ୍ଗୀତ କନସର୍ଟ, ପୂର୍ବାଚାର୍ଯ୍ୟ ସ୍ମୃତି ସଙ୍ଗୀତ ସମାରୋହ ଅନ୍ୟତମ ଅଟେ।ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆ ଅଲ୍ ଇଣ୍ଡିଆ ରେଡ଼ିଓ ଏବଂ ଦୂରଦର୍ଶନର ଜଣେ ଗ୍ରେଡ୍ କଳାକାର ଥିଲେ। ସୁରମଣି, କଳାଶ୍ରୀ ସଙ୍ଗୀତ ଶିରୋମଣି, ଅତୁଲ ମେମୋରିଆଲ୍ ମ୍ୟୁଜିକ୍ ଆୱାର୍ଡ, ଲାୟା ଜ୍ୟୋତି ଟାଇଟିଲ୍ ଏବଂ ଆହୁରି ଅନେକ ପୁରସ୍କାର ପାଇଥିଲେ । ୨୦୦୬ ରେ ସେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରେ ଅଭିନୟ ଓ କଳା ବିଭାଗରେ ଭାଓଲିନ୍ ପ୍ରାଧ୍ୟାପକ ଭାବେ ଯୋଗ ଦେଇଥିଲେ ସେ ଗବେଷକ ଛାତ୍ର ଏବଂ ସଂଗୀତପ୍ରେମୀମାନଙ୍କ ମଧ୍ୟରେ ଖୁବ୍ ଲୋକ ପ୍ରିୟ ଥିଲେ । ତାଙ୍କର ଅନେକ ଛାତ୍ରଛାତ୍ରୀ ରିସର୍ଚ୍ଚ ଛାତ୍ରଛାତ୍ରୀ, ଭାଓଲିନ୍ ବାଦକ,ବିଦ୍ୱାନ, ସଙ୍ଗୀତ କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠିତ ହୋଇ ସାରିଛନ୍ତି ।ବହୁ ଭାଓଲିନ୍ ବାଦକ ତାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ପାଇ ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ଭାଓଲିନ୍ ଓ ହିନ୍ଦୁସ୍ଥାନୀ ସଂଗୀତରେ ଭାଓଲିନ୍ ବାଦନ ଉପରେ( ଭାଓଲିନ୍ ଆଣ୍ଡ ଭାଓଲିନିଷ୍ଟ ଇନ୍ ହିନ୍ଦୁସ୍ଥାନୀ କ୍ଲାସିକାଲ୍ ମ୍ୟୁଜିକ୍ ) ନଙ୍କ ଏକ ପୁସ୍ତକ ରଚନା କରିଥିଲେ। ମନ ,ହୃଦୟ ଓ ମସ୍ତିଷ୍କରୁ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ସେ ପୂର୍ଣ୍ଣପ୍ରାଣରେ ସମର୍ପିତ ଥିଲେ। ତାଙ୍କର ଏହି ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ଯୁବ ପିଢ଼ିଙ୍କୁ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ପ୍ରୋତ୍ସାହନ ଦେବାକୁ ପ୍ରତି ବର୍ଷ ଓଉଞ୍ଚ ପକ୍ଷରୁ ସମ୍ମାନ ଜନକ ଡ଼ଃ ସ୍ୱର୍ଣ୍ଣ ଖୁଣ୍ଟିଆ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ କମଳିନୀ ମୁଖାର୍ଜୀ ଏହି ପଦକର ଅଧିକାରିଣୀ ହୋଇଛନ୍ତି।

## ବିରଜାକ୍ଷେତ୍ର ପରିକ୍ରମା ଓ ରୁଦ୍ର ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁର,(ପି.ଏନ): ବିରଜା ମନ୍ଦିର ଦୋଳ ମଣ୍ଡପ ଠାରେ ବିରଜାକ୍ଷେତ୍ର ପରିକ୍ରମା ଓ ରୁଦ୍ର ମହାଯଜ୍ଞ ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସମିତିର ଅଧକ୍ଷ ଉଦୟାନନ୍ଦ ପର୍ବତ ମହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଉପଦେଷ୍ଟା ବିରଜା ମନ୍ଦିର ମୁକ୍ତି ମଣ୍ଡପ ସେବାୟତ ପରିଷଦର ସଭାପତି ପଣ୍ଡିତ ଦେବୀପ୍ରସାଦ ପାଣି, ବରିଷ୍ଠ ସେବାୟତ ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ଅଧିକାରୀ ନବକିଶୋର ଦାସ, ବିରଷ୍ଠ ସେବାୟତ ପଣ୍ଡିତ ଜଗନ୍ନାଥ ପାଣି, ରାଧେକୃଷ୍ଣ ଦାସ ମହାରାଜ, ପାଳଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇ ବିରଜା କ୍ଷେତ୍ର ପରିକ୍ରମା ଓ ରୁଦ୍ର ମହାଯଜ୍ଞର ପ୍ରସ୍ତୁତି ବୈଠକର ବିଭିନ୍ନ



ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶୁଭେଚ୍ଛୁ ଓ ସମିତିର ବରିଷ୍ଠ ସଦସ୍ୟ ବିଷ୍ଣୁ ଚରଣ ବାରିକ, ମକର କେତନ ନାଥ, ବାମଦେବ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପରିକ୍ରମା ସମିତିର ପ୍ରଚାର କମିଟି ସଂଯୋଜକ ମିନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ କଳିଙ୍ଗ ବାଲିଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ:ସାଇକେଲ ଷ୍ଟାଣ୍ଡକୁ ନେଇ ତୁଚ୍ଛ ରାଜନୀତିକୁ ସାଧାରଣରେ ନାପସନ୍ଦ

ପାରାଦୀପ,(ପି.ଏନ): ଚଳିତ ବର୍ଷ କଳିଙ୍ଗ ବାଲିଯାତ୍ରା ମହୋତ୍ସବ କୁ ଅଧିକ ଆକର୍ଷଣୀୟ ଓ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ କଳିଙ୍ଗ ବାଲିଯାତ୍ରା କମିଟି ଜୋରଦାର ପ୍ରସ୍ତୁତି ଚଳାଇଛି କ୍ଷ ବାଲିଯାତ୍ରା କମିଟି ଅଧକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଉପାଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା,ସମ୍ପାଦକ ତଥା ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଙ୍କ ସମେତ କମିଟି ସଦସ୍ୟ ମାନଙ୍କ ସକ୍ରିୟ ସହଯୋଗରେ ବାଲିଯାତ୍ରା ପେସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟ ରେ ପହଞ୍ଚିଛି କ୍ଷ ଆଉ ଗୋଟିଏ ଦିନ ପରେ ଅର୍ଥାତ ଆସନ୍ତା ନଭେମ୍ବର ୧୪ ତାରିଖ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏହି ମହୋତ୍ସବ କୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାରୁ ପ୍ରଶାସନ ବେସ ତତ୍ପର ରହିଛି କ୍ଷ ତେବେ ଏଥର ବାଲିଯାତ୍ରା ରେ ସମସ୍ତ କାର୍ଯ୍ୟ ସ୍ୱଚ୍ଛତାର ସହ କରାଯାଉଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆୟୋଜନ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି କ୍ଷ ସବୁ କାର୍ଯ୍ୟ ନିୟମ ଅନୁସାରେ ଚାଲିଥିବା ବେଳେ ଏକ ସାଇକେଲ ଷ୍ଟାଣ୍ଡ ର ଟେଣ୍ଡର କୁ ନେଇ ଏଥିରେ ରାଜନୈତିକ ରୂପ ଦେବାକୁ ଅପଚେଷ୍ଟା ଓ ତୁଚ୍ଛ ରାଜନୀତି କୁ ସାଧାରଣରେ ନିନ୍ଦା କରାଯାଇଛି । ଅନ୍ୟପକ୍ଷରେ ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଶାସନ ଜୋରଦାର ପ୍ରୟାସ ଚଳାଇଥିବା ବେଳେ ଏହି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଙ୍କ କାର୍ଯ୍ୟକଳାପ ବାଲିଯାତ୍ରା ପ୍ରତିଷ୍ଠା ଉପରେ ଆଞ୍ଚ ଆଣିବା ସହ ଆୟୋଜକ ମାନଙ୍କ ମନୋବଳ କୁ ଦୁର୍ବଳ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି ।

## ତିର୍ତ୍ତୋଲ କଲେଜକୁ ବଦନାମ କରିବାପାଇଁ ନିର୍ଦ୍ଦିଷ୍ଟ ଦଳର କିଛି କୁଚକ୍ରୀଙ୍କ ପ୍ରଚେଷ୍ଟା

ଜଗତସିଂହପୁର,(ପି ଏନ) ତିର୍ତ୍ତୋଲ ସ୍ଥିତ ତିର୍ତ୍ତୋଲ ଆଦିକବି ସାରଳାଦାସ ମହାବିଦ୍ୟାଳୟକୁ ଏବେ କିଛି କୁଚକ୍ରୀ ଗୋଷ୍ଠୀ ବଦନାମ କରିବାପାଇଁ ରୀତିମତ ଯୋଜନା ଚଳାଇଥିବା ନେଇ କଲେଜ ଛାତ୍ର ଛାତ୍ରୀ ଓ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି. ଏହି ମହାବିଦ୍ୟାଳୟରେ ଏବେ ଉନ୍ନତମାନର ଶିକ୍ଷାଦାନ, ଶୃଙ୍ଖଳିତ ବାତାବରଣ, ସର୍ବୋପରି କଲେଜ ପ୍ରଶାସନିକ ସ୍ତରରେ ସୁପରିଚାଳନ ନୀତି ପାଇଁ ଜିଲ୍ଲାରେ ସଦାସର୍ବଦା ଉଚ୍ଚତମ ସ୍ଥାନ ଅଳଙ୍କୃତ କରିଆସୁଛି. ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଭାବେ ବିମଳକାନ୍ତ ମହାପାତ୍ର ଦାୟିତ୍ୱ ଗ୍ରହଣ ପରେ ବହୁ ପରିବର୍ତ୍ତନ ଘଟିଛି. ସେ ବିଭିନ୍ନ ସାମାଜିକ, ସାଂସ୍କୃତିକ, ଶିକ୍ଷାନୁଷ୍ଠାନ ଓ କ୍ରୀଡ଼ାନୁଷ୍ଠାନ ସମେତ ବିଭିନ୍ନ ଅନୁଷ୍ଠାନର ବିଭିନ୍ନ ପଦପଦବୀରେ ରହିଆସିଛନ୍ତି. ଗତ ଦୁଇ ବର୍ଷ ଧରି ମହାବିଦ୍ୟାଳୟ ର ସାମଗ୍ରିକ ଉନ୍ନତି ପାଇଁ ଅକ୍ଳାନ୍ତ ଉଦ୍ୟମ କରିଆସୁଛନ୍ତି. ପ୍ରକାଶଯୋଗ୍ୟଯେ ମହାବିଦ୍ୟାଳୟରେ ଅନେକ କର୍ମଚାରୀ ଅବସର ନେଇସାରିଛନ୍ତି. ତିନି ହଜାରରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କୁ ନେଇ ଚାଲିଆସୁଥିବା ଏହି ଶିକ୍ଷାନୁଷ୍ଠାନରେ ଅନେକ ବିଭାଗରେ ଜଣେ ଜଣେ ଅଧ୍ୟାପକ ଅଧ୍ୟାପିକାଙ୍କୁ ନେଇ କାର୍ଯ୍ୟ କରିଆସୁଥିଲା. ଶିକ୍ଷାଦାନ ଓ ପରିଚାଳନାଗତ ସମସ୍ୟାକୁ ଏଡାଇବାପାଇଁ ଓ ଛାତ୍ର ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ପରିଚାଳନା କମିଟି ସମ୍ପୂର୍ଣ୍ଣ ନୀତି ନିୟମ ଓ ଯୋଗ୍ୟତା ଭିତ୍ତିରେ କିଛି କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି. ଯାହା ଫଳରେ ଛାତ୍ର ଛାତ୍ରୀମାନେ ବିଭିନ୍ନ ବିଭାଗରେ ଦୁଇ ବର୍ଷ ହେବ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି. ମହାବିଦ୍ୟାଳୟର ସରକାରୀ ସ୍ତରରେ ନିଜକ୍ତି ନଥିବାରୁ ପରିଚାଳନା କମିଟି କିଛି ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ମିଳିଛି ଯାହା ଫଳରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ଉନତି ଘଟିବା ସହିତ ବେକାରୀ ମାନଙ୍କୁ ରୋଜଗାର ମିଳିଛି. ଯାହାକୁ ନେଇ ତିର୍ତ୍ତୋଲରେ ସଭାପତି ଶ୍ରୀଯୁକ୍ତ ମହାପାତ୍ରଙ୍କ ଉପରେ ସ୍ଥାନୀୟ ଅଂଚଳର କିଛି କୁଚକ୍ରୀ ବ୍ୟକ୍ତି ଖପା ହୋଇ ସାମାଜିକ ଗଣମାଧ୍ୟମରେ ଟିପଣୀ କରୁଛନ୍ତି. ପରିଚାଳନାଗତ ସଂସ୍କାର, ଛାତ୍ରଛାତ୍ରୀ ତଥା ଅନୁଷ୍ଠାନର ବିକାଶ ଦ୍ୱାରା ସଭାପତି ଶ୍ରୀଯୁକ୍ତ ମହାପାତ୍ରଙ୍କର ବଢୁଥିବା ଲୋକପ୍ରିୟତାରେ ନିର୍ଦ୍ଦିଷ୍ଟ ଦଳର କିଛି କୁଚକ୍ରୀ ନେସ୍ତସ୍ୱାର୍ଥ ବ୍ୟକ୍ତି ଇର୍ଷାପରାୟଣ ହୋଇ ମହାବିଦ୍ୟାଳୟକୁ ବଦନାମ କରିବାପାଇଁ ରୀତିମତ ଚକ୍ରାନ୍ତ ଚଳାଇଛନ୍ତି।

## ଜିତେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ପ୍ରଥିତଯଶା ଗୀତିକବି "ଜିତେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୨୪" ପ୍ରଦାନ ସମାରୋହ ଗତକାଲି ସନ୍ଧ୍ୟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ 'ପରିକ୍ରମା' ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯଶସ୍ୱୀ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର (ଭୁବନେଶ୍ୱର), ପ୍ରଥିତଯଶା ସଂଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର (କଟକ), ଯଶସ୍ୱୀ ଗୀତିକବି ଡ. ପଞ୍ଚାନନ ନାୟକ (ତିହିଡ଼ି, ଭଦ୍ରକ), ସଫଳ ଚଳଚ୍ଚିତ୍ର ନିର୍ଦ୍ଦେଶକ ତାପସ ସରଘରିଆ (ମୟୂରଭଞ୍ଜ), ବିଶିଷ୍ଟ ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ ଡ. ଅରୁପ କୁମାର ଜେନା (ଫୁଲବାଣୀ), ବିଶିଷ୍ଟ ସାମ୍ବାଦିକ ଓ କବି ରାଧାଶ୍ୟାମ ମହାନ୍ତି (ଭୁବନେଶ୍ୱର), ବହୁମୁଖୀ ମହନୀୟ ପ୍ରତିଭା ଡ. ଶ୍ରୀନିବାସ ଘଟୁଆରୀ (ପୁରୀ) ଓ ରାଇରଙ୍ଗପୁରର ଯଶସ୍ୱୀ ସମାଜସେବୀ ଚିତ୍ତରଂଜନ ପଟ୍ଟନାୟକ (ଠେଙ୍ଗୁ)ଙ୍କୁ 'ଗୀତିକବି ଜିତେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା । ପ୍ରତିଭାଧରମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ମେମେଂ ।ପ୍ରଦାନ ପୂର୍ବକ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ ।ଏଥିରେ ବରେଣ୍ୟ ଅତିଥି ଭାବେ ବିଧାୟକ ଅଶୋକ ଦାସ, ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଶୋକ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଓ ସଂସ୍କୃତି



ଗବେଷକ ଗୋପାଳ ମହାପାତ୍ର, ଯଶସ୍ୱୀ କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, ବିଶିଷ୍ଟ ସାମ୍ବାଦିକ, ସମ୍ପାଦକ ଜି. ସାନ୍ତାରାମ୍ (ହାଇଦ୍ରାବାଦ), ବରିଷ୍ଠ ସାମ୍ବାଦିକ ଓ ସାମାଜିକ କର୍ମୀ ଡ. ସନ୍ତୋଷ କୁମାର ଦେହୁରୀ (ପାଳଲହଡ଼ା) ଓ ଯୁବ ସମାଜସେବୀ କୈଳାସ ଅଗ୍ରୱାଲ (କଟକ) ଏବଂ ସ୍ୱର୍ଗତ ଗୀତିକବିଙ୍କର ସୁପୁତ୍ର ସାମ୍ବାଦିକ ସୌରଭ ପଟ୍ଟନାୟକ ଯୋଗଦେଇ ଏଭଳି ନିଚ୍ଛକ ନିଆରା ଓଡ଼ିଆ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । 'ପରିକ୍ରମା'ର ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉପଦେଷ୍ଟା ମାନସ ଦାସ ଓ ରବୀନ୍ଦ୍ର ପଲାଇ ଉପସ୍ଥିତ ଥିଲେ । ଶିବୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଡ. ଶ୍ରୀନିବାସୀ ଘଟୁଆରୀ ଓ ରଂଜନ ନନ୍ଦଙ୍କୁ ସଂଯୋଜନାରେ ଅନୁଷ୍ଠିତ ସଂଗୀତ ଆସର "ପ୍ରଣାମ, ପ୍ରଥିତଯଶା, ପ୍ରାତଃସ୍ମରଣୀୟ ପ୍ରଭା" ମାଧ୍ୟମରେ ଓଡ଼ିଆ ସଂଗୀତ ସାମ୍ରାଜ୍ୟର କାଳଜୟୀ ସ୍ରଷ୍ଟା ବାଳକୃଷ୍ଣ ଦାସ, ରାଧାକୃଷ୍ଣ ଭଞ୍ଜ, ଅକ୍ଷୟ ମହାନ୍ତି, ରଘୁନାଥ ପାଣିଗ୍ରାହୀ, ପ୍ରଫୁଲ୍ଲ କର, ସିକନ୍ଦର ଆଲାମ, ଗୁରୁକୃଷ୍ଣ ଗୋସ୍ୱାମୀ, ସରୋଜ ପଟ୍ଟନାୟକ, ଶାନ୍ତନୁ ମହାପାତ୍ର, ଚିତ୍ତ ଜେନା, ନିର୍ମଳା ମିଶ୍ର, ବାସୁଦେବ ରଥ, ଜେ. ଆଦନୀ, ଭୁବନେଶ୍ୱରୀ ମିଶ୍ର, ନାରାୟଣ ପ୍ରସାଦ ସିଂହ, ଜୀବନାନନ୍ଦ ପାଣି, ଶିବବ୍ରତ ଦାସ, ନିଜାମ୍, ନିମାଇଁ ମହାନ୍ତି ଓ ଜିତେନ୍ଦ୍ର ପଟ୍ଟନାୟକଙ୍କୁ ସେମାନଙ୍କର ରଚିତ, ସ୍ୱର ସଂଯୋଜିତ ଓ ଗାଇଥିବା ଗୀତ ମାଧ୍ୟମରେ ରାଜ୍ୟର ଲୋକପ୍ରିୟ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ବୈଷ୍ଣବ କୈଳାସ, ଶାନ୍ତନୁ ନାୟକ, ବ୍ରଜବଲ୍ଲଭ, ପ୍ରଭୁଦେବ, ସଂସ୍କାର ମହାନ୍ତି, ପ୍ରିୟବ୍ରତ ଦାସ, ସନ୍ଦୀପ, ସୌଭେନ୍ଦ୍ରୀ ଜେନା ଓ ସୂଚିସ୍ମିତା ନନ୍ଦ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ବାଦ୍ୟଯନ୍ତ୍ରରେ ବରୋଦା ପଟ୍ଟନାୟକ, ଜଗନ୍ନାଥ ଦାସ, ଗୋଲକ ବିହାରୀ, ସୁଧାଂଶୁ ଜେନା, ପ୍ରଣବ ପ୍ରଧାନ, କାହ୍ନୁ ଓ ଓ୍ୱେଣ୍ଡେଲ୍ ସହଯୋଗ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ କୃତିପ୍ରଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିବା ବେଳେ ବରେଣ୍ୟ ଅତିଥି ଓ କଳାକାରମାନଙ୍କୁ ପ୍ରୀତି ଉପହାର ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମରେ ଦୀପକ ମହାପାତ୍ର, ଦୁଷ୍ମନ୍ତ ଦାସ, ଗିରିଧାରୀ ଦାସ, ବିମଳକୃଷ୍ଣ ମହାନ୍ତି, ବିନାୟକ ମିଶ୍ର, ନୀଳମଣି ସାହୁ, ରଜନୀକାନ୍ତ ମଙ୍ଗରାଜ, ସୂର୍ଯ୍ୟ ପ୍ରଧାନ, ଶ୍ୟାମସୁନ୍ଦର ମହାନ୍ତି, ଅଶୋକ ମହାପାତ୍ର, ମନୋଜ ବାଜୋରିଆ ପ୍ରମୁଖ ସହଯୋଗ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viöåage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray